بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 36

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05 ସେପ୍ଟେମ୍ବର 2019 | 05 ତବୁକ 1398 ହି.ଶ | 05 ମୁହରମ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَاَطِیۡعُوا اللّٰہَ

وَالرَّسُوۡلَ

لَعَلَّکُمۡ تُرۡحَمُوۡنَ۝

(آل عمران: 133)

ଅନୁବାଦ- ଏବଂ ଅଲ୍ଲାଃ ଓ ଏହି ରସୁଲଙ୍କର ଆଜ୍ଞାପାଳନ କର ତାହା ହେଲେ ତୁମମାନଙ୍କ ପ୍ରତି କରୁଣା କରାଯିବ ।

*(ଆଲେ ଇମରାନ୍: ୧୩୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ପବିତ୍ର କୋରାନ ଏପରି ବୁଦ୍ଧିମତା ଓ ତତ୍ୱଜ୍ଞାନର ସଂଗ୍ରହାଳୟ ଅଟେ ଏବଂ ସମସ୍ତ ପ୍ରକାରର ଭଲ ଓ ମନ୍ଦ (ବିଷୟରେ ଜ୍ଞାନ)ର ଭଣ୍ଡାର ତା ଭିତରେ ରହିଛି । ପ୍ରତ୍ୟେକ ଜିନିଷର ବ୍ୟାଖ୍ୟା ସେ ନିଜେ କରିଥାଏ । ପ୍ରତ୍ୟେକ ପ୍ରକାରର ଆବଶ୍ୟକୀୟ ପଦାର୍ଥ ତା ଭିତରେ ମହଜୁଦ୍ ରହିଛି । ସେ ପ୍ରତି ପାର୍ଶ୍ୱରୁ ନିଦର୍ଶନ ଏବଂ ଆୟତ (ଅର୍ଥାତ୍ ଐଶି ଚିହ୍ନ) ଅଟେ । ଯଦି କେହି ଅସ୍ୱୀକାର କରେ ତେବେ ଆମେ ପ୍ରତିକ୍ଷେତ୍ରରୁ ତାହାର ଶ୍ରେଷ୍ଠତା (ଅର୍ଥାତ୍ ପବିତ୍ର କୋରାନ୍‌ର ଶ୍ରେଷ୍ଠତା) ପ୍ରମାଣ କରିବା ଓ ଦେଖାଇବା ପାଇଁ ପ୍ରସ୍ତୁତ ଅଛୁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଆମ ନବୀ କରିମ୍ ସ:ଆ:ସଙ୍କ ଐଶି ଚମତ୍କାରିତା

ଆମ ନବୀ କରିମ୍ ସ:ଆ:ସଙ୍କୁ ଏଥି ପାଇଁ ପ୍ରତ୍ୟେକ ପ୍ରକାରର ଐଶି ଚମତ୍କାରିତା ହାସଲ ହୋଇଥିଲା । ଆମେ ତାହାର ବୈଭବ କଣ ବର୍ଣ୍ଣନା କରିବୁ । ଯେଉଁ ପାର୍ଶ୍ୱକୁ ଦେଖ ଅସୁମାରୀ ଚମତ୍କାରିତା ମିଳିବ । ସମସ୍ତ ତିନି ପ୍ରକାରର ଚମତ୍କାରିତା ସାମୁହିକ ରୂପେ ଆପଣ (ସ:ଆ:ସ)ଙ୍କ ଠାରେ ନିହିତ ଥିଲା । ପ୍ରକାଶ୍ୟ ଐଶି ଚମତ୍କାରିତା ଯେପରି **ଶକ୍‌କୁଲ୍ କମର୍** (ଅର୍ଥାତ୍ ଚନ୍ଦ୍ରକୁ ଦୁଇଫାଳ କରିବା) ଏବଂ ଅନ୍ୟାନ୍ୟ ଚମତ୍କାରିତାମାନ, ଯାହାଙ୍କର ସଂଖ୍ୟା ତିନି ହଜାରରୁ ଅଧିକା ଅଟେ ଏବଂ ତତ୍ୱଜ୍ଞାନ ଓ ଗୁଢ଼ଜ୍ଞାନର ଚମତ୍କାରିତାରେ ପବିତ୍ର କୋରାନ ପରିପୂର୍ଣ୍ଣ ରହିଛି ଓ ତାହା ସବୁ ସମୟରେ ସତେଜ ଏବଂ ନୂଆ ହୋଇ ରହିଛନ୍ତି । ଚାରିତ୍ରିକ ଐଶିଚମତ୍କାରିତା ଦୃଷ୍ଟି କୋଣରୁ ସ୍ୱୟଂ ସେହି ନବି ଆ:ସଙ୍କ ଅସ୍ତିତ୍ୱ **ଇନ୍ନକା ଲାଅଲା ଖୁଲୁକିନ୍ ଅଜିମ୍** (କଲମ୍: ୫)ର ଅନୁରୂପ । ପବିତ୍ର କୋରାନ ନିଜ ଚମତ୍କାରିତାର ପ୍ରମାଣରେ **ଓ୍ୱ ଇନ୍ କୁନ୍‌ତୁମ୍ ଫି ରୈବିମ୍ ମିମ୍ମା ନଜ୍ଜଲ୍‌ନା ଅଲା ଅବ୍‌ଦିନା ଫାତୁ ବି ସୁରତିମ୍ ମିମ୍ ମିସ୍‌ଲିହି** (ବକ୍‌ରାଃ : ୨୪) କହିଛି । ଏହି ଚମତ୍କାର ହେଉଛି ଆଧାତ୍ମିକ । ଯେଉଁଭଳି ଏକେଶ୍ୱରବାଦର ପ୍ରମାଣ ଦେଇଛି ସେହିପରି ସାର ଗର୍ଭିକ, ଅଳଙ୍କାର ପୂର୍ଣ୍ଣ ସାହିତ୍ୟ, ଗାମ୍ଭିର୍ଯ୍ୟପୂର୍ଣ୍ଣ ସାହିତ୍ୟ ମଧ୍ୟ ରହିଛି । ମନୁଷ୍ୟ ତାହାର ଉଦାହରଣ ଦେବାରେ ସମର୍ଥ ନୁହେଁ । ଅନ୍ୟ ଏକ ସ୍ଥାନରେ କହିଛି: **ଲଇନିଜ୍ ତମଅତିଲ୍ ଇନ୍‌ସୁ ଓ୍ୱଲ୍ ଯିନ୍ନୁ ଅଲା ଅଇଁ ୟାତୁ ବିମିସ୍‌ଲି ହାଜଲ୍ କୁର୍‌ଆନ ଲା ୟାତୁନା ବିମିସ୍‌ଲିହି** (ବନି ଇସ୍ରାଇଲ୍: ୮୯) (ଅର୍ଥାତ୍: ଯଦି ସମସ୍ତ ମାନବ ଓ ଜିନ୍ନ ଏହି (ପବିତ୍ର) କୋରାନର ଅନୁରୂପ (ଗ୍ରନ୍ଥ) ଆଣିବାକୁ ଏକିତ୍ରିତ ହୁଅନ୍ତି ଓ ସେମାନେ ପରସ୍ପରକୁ ସାହାଯ୍ୟ କରନ୍ତି, ତଥାପି ସେମାନେ ଏହାର ଅନୁରୂପ ଆଣିପାରିବେ ନାହିଁ ।)

### ପବିତ୍ର କେରାନ୍‌ର ଉଚ୍ଚ କୋଟିର ଭାଷାସାହିତ୍ୟ ଓ ଅଲଙ୍କାରପୂର୍ଣ୍ଣ ସାହିତ୍ୟ

ସୁତରାଂ ଆଧାତ୍ମିକ ଚମତ୍କାରିତାରେ କେହି ଏ କଥା ନ ଭାବନ୍ତୁ ଯେ ଏହା ମୁସଲମାନମାନଙ୍କ ମନର ଭାବନା ବୋଲି । ଆଜିକାଲିର ନେଚରୀ (ଅର୍ଥାତ୍: ଭୌତିକବାଦୀ ଓ ନାସ୍ତିକମାନେ) ନୁହେଁ ବରଂ ଭୌତିକବାଦକୁ ବିରୋଧ କରୁଥିବା ଲୋକେ ମଧ୍ୟ ଏକଥା ମାନୁ ନାହାନ୍ତି ଯେ ପବିତ୍ର କୋରାନ୍ ର ଚମତ୍କାର ରହିଛି । ସୟଦ ଅହମଦ ମଧ୍ୟ ଧୋକା ଖାଇଛନ୍ତି । ସେ ତାହାର (ଅର୍ଥାତ୍ ପବିତ୍ର କୋରାନ୍‌ର) ଉଚ୍ଚ କୋଟିର (ଐଶି ବାଣୀ) ଓ ସାହିତ୍ୟ ହେବାକୁ ମଧ୍ୟ ଚମତ୍କାର ବୋଲି ସ୍ୱୀକାର କରୁନାହାନ୍ତି । ଯେବେ ଆମେ ମନେ ପକାଉଛୁ, ଆମକୁ ବହୁତ ଦୁଃଖ ଲାଗୁଛି ଯେ ସୟଦ୍ ଅହେମଦ୍ ଐଶି ଚମତ୍କାରିତାକୁ ଅସ୍ୱୀକାର କରିଛନ୍ତି । ସୟଦ୍ ସାହେବ୍ କୌଣସି ପାର୍ଶ୍ୱରୁ ମଧ୍ୟ ଐଶି ଚମତ୍କାରିତାକୁ ମାନିପାରିବେ ନାହିଁ କାରଣ ସେ କହୁଛନ୍ତି ଯେ ଜଣେ ମାମୁଲି ସ୍ତରର ଲୋକ ବା ଜଣେ ଉଚ୍ଚ ସ୍ତରର ଲୋକ ମଧ୍ୟ (ପବିତ୍ର କୋରାନ୍‌ର) ଦୃଷ୍ଟାନ୍ତ ତିଆରି କରିପାରେ । କିନ୍ତୁ ବିଡ଼ମ୍ବନା ହେଉଛି ଏହା କି ସେ ଏତିକି ଜାଣିନାହାନ୍ତି ଯେ ପବିତ୍ର କୋରାନକୁ ଆଣିଥିବା ବ୍ୟକ୍ତି (ନିଜ ଭିତରେ) ସେହି ବୈଭବ ରଖିଛି ଅର୍ଥାତ **ସୁହ୍‌ଫମ୍ ମୁତହହରତନ୍ ଫିହା କୁତୁବୁନ୍ କୟେମାଃ** (ବୟନାଃ: ୩,୪) ଅର୍ଥାତ ଏପରି ପୁସ୍ତକ ଯାହା ମଧ୍ୟରେ ସମସ୍ତ ପୁସ୍ତକ ଏବଂ ସମସ୍ତ ସତ୍ୟତା ମହଜୁଦ୍ ରହିଛି । ପୁସ୍ତକର ଅର୍ଥରେ, ଅର୍ଥାତ୍ ଏହାର ସାଧାରଣ ଅର୍ଥ ହେଉଛି ସେହି ସମସ୍ତ ଉତମ କଥା ଯାହାକୁ ସ୍ୱଭାବିକ ରୂପେ ମନୁଷ୍ୟ ଅନୁକରଣୀୟ ବୋଲି ଜାଣିଥାଏ ।

### ପବିତ୍ର କୋରାନ୍‌ର ବ୍ୟାପକତା / ଶ୍ରେଷ୍ଠତା

ପବିତ୍ର କୋରାନ ଏପରି ବୁଦ୍ଧିମତା ଓ ତତ୍ୱଜ୍ଞାନର ସଂଗ୍ରହାଳୟ ଅଟେ ଏବଂ ସମସ୍ତ ପ୍ରକାରର ଭଲ ଓ ମନ୍ଦ (ବିଷୟରେ ଜ୍ଞାନ)ର ଭଣ୍ଡାର ତା ଭିତରେ ରହିଛି । ପ୍ରତ୍ୟେକ ଜିନିଷର ବ୍ୟାଖ୍ୟା ସେ ନିଜେ କରିଥାଏ । ପ୍ରତ୍ୟେକ ପ୍ରକାରର ଆବଶ୍ୟକୀୟ ପଦାର୍ଥ ତା ଭିତରେ ମହଜୁଦ୍ ରହିଛି । ସେ ପ୍ରତି ପାର୍ଶ୍ୱରୁ ନିଦର୍ଶନ ଏବଂ ଆୟତ (ଅର୍ଥାତ୍ ଐଶି ଚିହ୍ନ) ଅଟେ । ଯଦି କେହି ଅସ୍ୱୀକାର କରେ ତେବେ ଆମେ ପ୍ରତିକ୍ଷେତ୍ରରୁ ତାହାର ଶ୍ରେଷ୍ଠତା (ଅର୍ଥାତ୍ ପବିତ୍ର କୋରାନ୍‌ର ଶ୍ରେଷ୍ଠତା) ପ୍ରମାଣ କରିବା ଓ ଦେଖାଇବା ପାଇଁ ପ୍ରସ୍ତୁତ ଅଛୁ । ଆଜିକାଲି ଏକେଶ୍ୱରବାଦ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବହୁତ ଆକ୍ରମଣ କରାଯାଉଅଛି । ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ବହୁତ କିଛି ଚେଷ୍ଟା କରି ଲେଖିଛନ୍ତି କିନ୍ତୁ ଯାହା କିଛି କହିଛନ୍ତି ବା ଲେଖିଛନ୍ତି ତାହା ଇସଲାମର ଖୁଦାଙ୍କ ସମ୍ବନ୍ଧରେ ଲେଖିଛନ୍ତି । ନା କି ଜଣେ ମୃତ, ଶୁଳିରେ ଲଟକିଥିବା ଓ ଅସହାୟ ଖୁଦାଙ୍କ ସମ୍ବନ୍ଧରେ । ଆମେ ଦାବି କରି କହୁଅଛୁ ଯେ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କ ଅସ୍ତିତ୍ୱ ଏବଂ ବିଦିତ ଉପରେ କଲମ ଚାଳନା କରିବ, ତାକୁ ପରିଶେଷରେ ସେହି ଖୁଦାଙ୍କ ନିକଟକୁ ଆସିବାକୁ ହେବ, ଯାହା ଇସଲାମ ଉପସ୍ଥାପନ କରିଛି । କାରଣ ପ୍ରକୃତି ପୃଷ୍ଠରେ ଗୋଟିଏ ଗୋଟିଏ ପତ୍ରରେ ତାର ଠିକଣା ମିଳୁଛି ଏବଂ ସ୍ୱଭାବତଃ ମନୁଷ୍ୟ ସେହି ଖୁଦାଙ୍କ ସ୍ୱରୁପକୁ ନିଜ ଭିତରେ ରଖିଥାଏ । ସୁତରାଂ ଏପରି ବ୍ୟକ୍ତିର ପାଦ ଯେବେ ଉଠିବ ତାହା ଇସଲାମର କ୍ଷେତ୍ର ଆଡ଼କୁ ଉଠିବ । ଏହା ତ ଏକ ମହାନ ଚମତ୍କାର ।

### ପବିତ୍ର କୋରାନ୍‌ର ଚ୍ୟାଲେଞ୍ଜ

ଯଦି କିଏ ପବିତ୍ର କୋରାନ୍‌ର ଏହି ଐଶି ଚମତ୍କାରିତାର ଅସ୍ୱୀକାର କରେ ତେବେ ଗୋଟିଏ ପଦ୍ଧତିରେ ଆମେ ଲୋକମାନଙ୍କୁ ପରୀକ୍ଷା କରିନେବା । ଅର୍ଥାତ ଯଦି ସେ ପବିତ୍ର କୋରାନ୍‌କୁ ଈଶ୍ୱରଙ୍କ ବାଣୀ ନ ମାନୁଛି ତେବେ ଏପରି ଆଲୋକ ଓ ବିଜ୍ଞାନ ଯୁଗରେ ଏପରି ଦାବିଦାର ଖୁଦାଙ୍କ ଅସ୍ତିତ୍ୱ ଉପରେ ଯୁକ୍ତିଯୁକ୍ତ ତର୍କ ଲେଖୁ, ଆମେ ସେହି ସମସ୍ତ ପ୍ରମାଣକୁ ପବିତ୍ର କୋରାନ୍‌ରୁ ହିଁ ବାହାର କରି ଦେଖାଇଦେବୁ । ଏବଂ ଯଦି ଏକେଶ୍ୱରବାଦ ସପକ୍ଷରେ ପ୍ରମାଣ ପ୍ରତିପାଦନ କରେ, ତେବେ ସେହି ସମସ୍ତ ପ୍ରମାଣଗୁଡ଼ିକୁ ମଧ୍ୟ ପବିତ୍ର କୋରାନ୍‌ରୁ ବାହାର କରି ଦେଖାଇଦେବୁ । ଏବଂ ସେ ଏପରି ପ୍ରମାଣକୁ ଦାବି କରି ଲେଖନ୍ତୁ ଯେ ଏହି ପ୍ରମାଣଗୁଡ଼ିକ ପବିତ୍ର କୋରାନ୍‌ରେ ନାହିଁ ବା ସେହି ସମସ୍ତ ଦଲିଲ୍ ର ସତ୍ୟତା ଓ ପବିତ୍ର ଶିକ୍ଷାଗୁଡ଼ିକ ଉପରେ ପ୍ରମାଣ ଲେଖନ୍ତୁ, ଯାହା ସମ୍ବନ୍ଧରେ ତାଙ୍କର ଏ ଧାରଣା ଥିବ ଯେ, ତାହା ସବୁ ପବିତ୍ର କୋରାନ୍‌ରେ ନାହିଁ ତେବେ (ଏପରି ସ୍ଥଳେ) ତାଙ୍କୁ ସ୍ପଷ୍ଟ ରୂପେ ଦେଖାଇ ଦେବୁ ଯେ ପବିତ୍ର କୋରାନ୍‌ର ଦାବି **ଫିହା କୁତୁବୁନ୍ କୈୟମାଃ**(ବୟନାଃ:୪) କେତେ ସତ୍ୟ ଓ ସ୍ପଷ୍ଟ ଅଟେ । ଅଥବା ଅସଲ ଓ ପ୍ରକୃତ ଧର୍ମ ବାବଦରେ ପ୍ରମାଣ ଲେଖିବାକୁ ଚାହେଁ, ତେବେ ଆମେ ପ୍ରତ୍ୟେକ ପାର୍ଶ୍ୱରୁ ପବିତ୍ର କୋରାନ୍‌ର ଶ୍ରେଷ୍ଠତା / ଚମତ୍କାରିତା ପ୍ରମାଣ କରି ଦେଖାଇଦେବୁ ଓ ବତାଇଦେବୁ ଯେ ସମସ୍ତ ସତ୍ୟତା ଏବଂ ପବିତ୍ର ଶିକ୍ଷାମାନ ଏଥିରେ ମହଜୁଦ୍ ଅଛନ୍ତି ।

ସୁତରାଂ ପବିତ୍ର କୋରାନ୍ ଏକ ଏପରି ପୁସ୍ତକ ଯେ ପ୍ରତ୍ୟେକ ପ୍ରକାରର ତତ୍ୱଜ୍ଞାନ ଏବଂ ଭେଦ ଏଥିରେ ମହଜୁଦ ଅଛି କିନ୍ତୁ ତାହାକୁ ହାସଲ କରିବା ପାଇଁ ମୁଁ ପୁଣି କହୁଛି ଯେ ସେହି ପବିତ୍ର ଶକ୍ତିର ଆବଶ୍ୟକ ରହିଛି । ସୁତରାଂ ସ୍ୱୟଂ ଅଲ୍ଲାଃ ତାଲା ନିର୍ଦ୍ଦେଶ ଦେଇଛନ୍ତି **ଲା ୟମସ୍‌ସୁହୁ ଇଲ୍ଲଲ୍ ମୁତହ୍‌ହରୁନା** (ଓ୍ୱାକେୟା : ୮୦) ସେହିପରି ଉଚ୍ଚ କୋଟିର ଭାଷା ସାହିତ୍ୟରେ, ଉଦାହରଣ ସ୍ୱରୂପ ସୁରାଃ ଫାତିହାର ପ୍ରକ୍ରିୟାକୁ ଛାଡ଼ିଦେଇ (ଯଦି) ଅନ୍ୟ ପ୍ରକ୍ରିୟା ବ୍ୟବହାର କର, ତେବେ ସେହି ଉଚ୍ଚ କୋଟିର ଅର୍ଥ ଓ ଉଚ୍ଚ କୋଟିର ଉଦ୍ଦେଶ୍ୟ, ଯାହା ଏହି ପ୍ରକ୍ରିୟାରେ ଅବସ୍ଥିତ, ସମ୍ଭବନୁହେଁ କି ଅନ୍ୟ କୌଣସି ପ୍ରକ୍ରିୟାରେ ବର୍ଣ୍ଣନା ହୋଇପାରିବ । କୌଣସି ଏକ ସୁରଃ ନିଅ, ତାହା କୁଲ୍ ହୁଓ୍ୱଲ୍ଲା ହୁ ଆହାଦ୍ କାହିଁକି ନ ହେଉ । ଯେଉଁ ମାତ୍ରାରେ ନମ୍ରତା ଓ କୋମଳତାକୁ ବିଚାର କୀ ଧ୍ୟାନ ଦିଆଯାଇଛି, ସେଥିରେ ଯେଉଁ ମର୍ମ ଏବଂ ବାସ୍ତବିକତା ରହିଛି, ତାହା ଅନ୍ୟ କେହି ବର୍ଣ୍ଣନା କରିପାରିବ ନାହିଁ । ଏହା ମଧ୍ୟ ପବିତ୍ର କୋରାନ୍‌ର ଚମତ୍କାରିତା । ମତେ ଆଶ୍ଚର୍ଯ୍ୟ ଲାଗୁଛି ଯେବେ କିଛି ଅବୋଧ **ମକାମାତେ ହରିରୀ** ବା **ସବ୍‌ଆ ମୁଅଲ୍ଲକାଃ** (ପୁସ୍ତକ)କୁ ଅନୁପମ ଓ ଅଦ୍ୱିତୀୟ କହୁଛନ୍ତି ଏବଂ ଏହିପରି ପବିତ୍ର କୋରାନର ଅତୁଲ୍ୟ ହେବା ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତ, ସେମାନେ ଏତିକି ବୁଝିପାରୁନାହାନ୍ତି ଯେ ପ୍ରଥମତଃ ହରିରୀର ଲେଖକ କେଉଁଠାରେ ତା'ର ଅନୁପମ ହେବା କଥା ଦାବି କରିନାହିଁ । ପୁଣି ସେ ନିଜେ ପବିତ୍ର କୋରାନ୍‌ର ସାହିତ୍ୟର ଚମତ୍କାରକୁ ସ୍ୱୀକାର କରୁଥିଲା । ଏହିସବୁ କଥାକୁ ଛାଡ଼ି ସଦାଚାରିତା ଓ ସତ୍ୟତାକୁ ମୁଣ୍ଡରେ ରଖିନାହିଁ ବରଂ ତାହାକୁ ଛାଡ଼ି କେବଳ ଶବ୍ଦ ପଛରେ ପଡ଼ିଛନ୍ତି, ସେହି ପୁସ୍ତକଗୁଡ଼ିକ ବାସ୍ତବିକ ଓ ମାର୍ମିକ ଜ୍ଞାନରୁ ଖାଲି ଅଟନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ- ୬୯-୭୧, ମୁଦ୍ରଣ ୨୦୧୮ କାଦିୟାନ୍)*


ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଂଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

## କେବଳ ଅହେମଦୀ ବୋଲାଇବା ଯଥେଷ୍ଟ ନୁହେଁ, ଜଣେ ସକ୍ରୀୟ କର୍ତବ୍ୟ ପରାୟଣ ଅହେମଦୀ ହେବା ପାଇଁ ଅତ୍ୟନ୍ତ ଚେଷ୍ଟା କରିବାର ଆବଶ୍ୟକତା ରହିଛି ।

**ହଜରତ ମସିହ ମଉଦ ଆ:ସ ନିଜ ଅନୁଗାମୀ ମାନଙ୍କୁ ବହୁତ ଦରଦ ର ସହିତ ବୟତର କର୍ତବ୍ୟ ଗୁଡ଼ିକୁ ସମ୍ପାଦନ କରିବା ପ୍ରତି ମାର୍ଗଦର୍ଶନ କରାଇଛନ୍ତି । ଯଦ୍ୱାରା ଆମେ ପ୍ରକୃତ ଅହେମଦୀ ହୋଇପାରିବା । ଏହି ନୀତିବାଣୀଗୁଡ଼ିକୁ ଆମେ ନିୟମିତ ନିଜ ସମ୍ମୁଖରେ ରଖିବା ଉଚିତ ଏବଂ ଏହା ହିଁ ଆମ ଆଧ୍ୟାତ୍ମିକ ସଂସ୍କାରର ମାଧ୍ୟମ ଅଟେ । ଏହା ମାଧ୍ୟମରେ ଆମେ ଧର୍ମ ଜ୍ଞାନ ହାସଲ କରିପାରିବ ଏବଂ ଏହା ମାଧ୍ୟମରେ ଆମେ ଖୁଦାତାଲାଙ୍କ ସାନ୍ନିଧ ପାଇବାର ମାର୍ଗକୁ ମଧ୍ୟ ଖୋଜିପାରିବା ଏବଂ ଏହା ମାଧ୍ୟମରେ ଆମେ ଆମର ଆସ୍ଥା ଓ କର୍ମକୁ ସୁଧାରି ପାରିବା ଓ ଅଲ୍ଲାଃଙ୍କ ସମୀପତା ହାସଲ କରିପାରିବା ।**

**ନିଜ ଉପାସନାର ସ୍ତରକୁ ଆମେ ସେହି ସ୍ତରକୁ ନେଇଯିବା ଉଚିତ ଯାହା ଆମଠାରୁ ଅଲ୍ଲାଃ ଆଶା କରୁଛନ୍ତି ଏବଂ ସମସ୍ତ ପ୍ରକାରର କୁକର୍ମକୁ ପରିତ୍ୟାଗ କରି ସମ୍ପୂର୍ଣ୍ଣ ଇମାନ୍‌ଦାରୀରେ ପୂଣ୍ୟକର୍ମ ସମ୍ପାଦନ କରିବା ଉଚିତ ।**

**ସେରାଲିୟୋନ୍ ୫୬ତମ ଜଲ୍‌ସା ସାଲାନା ଅବସରରେ ସୟଦନା ହଜରତ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଆଧ୍ୟାତ୍ମିକତାର ପରିପୂର୍ଣ୍ଣ ବିଶେଷ ବାର୍ତା ।**

ଯମାତ୍ ଅହେମଦୀୟା ସେରାଲିୟୋନ୍‌ର ଜଲ୍‌ସା ସାଲାନା ଫେବୃୟାରୀ ୮ ରୁ ୧୦ ୨୦୧୯ ମସିହାରେ ସିନିୟର ସେକେଣ୍ଡାରୀ ସ୍କୁଲ୍ ବୋଟାଉନ୍‌ର ପ୍ରାଙ୍ଗଣରେ ଅନୁଷ୍ଠିତ ହେଲା । ସୟଦନା ହଜୁର ଅନୱର ଅ:ବ:ଅ ମୁକରମ୍ କମାଲ୍ ବରୁଜା ସାହେବଙ୍କୁ ନିଜର ପ୍ରତିନିଧି ଏବଂ ମୁକରମ୍ ଅମିର୍ ସାହେବ ନାଇଜେରିଆ, ମୁକରମ୍ ଅମିର ସାହେବ୍ ଗାମ୍ବିୟା ଏବଂ ମୁକରମ୍ ଅମିର ସାହେବ ଲାଇବେରିଆଙ୍କୁ ବିଶେଷ ଅତିଥିରୂପେ ପଠାଇଥିଲେ । ନାଇଜେରିଆ, ଗାମ୍ବିୟା, ଲାଇବେରିଆ ଏବଂ ଗିନିକନାକରିରୁ ଗୋଟିଏ ବଡ଼ ପ୍ରତିନିଧିମଣ୍ଡଳ ଜଲ୍‌ସା ସାଲାନାରେ ସାମିଲ ହେଲେ । ଯାମିଆ ଅହେମଦିୟା ସେରାଲିୟୋନ୍‌ର ବିଦ୍ୟାର୍ଥୀମାନେ ଏବଂ ଶିକ୍ଷକମାନେ ଏ ଜଲ୍‌ସାର ବ୍ୟବସ୍ଥାରେ ମନଧ୍ୟାନପୂର୍ବକ ସାହାଯ୍ୟ କରିବାର ସୌଭାଗ୍ୟ ପାଇଲେ । ସେରାଲିୟୋନ୍‌ର ନୁତନ ରାଷ୍ଟ୍ରପତି ନିଜର ଅନେକ ମନ୍ତ୍ରୀମାନଙ୍କ ସହିତ ଜଲ୍‌ସା ସାଲାନାର ପ୍ରଥମ ଦିନର ପ୍ରଥମ ଇଜ୍‌ଲାସାରେ ଯୋଗଦେଲେ । ସେମାନଙ୍କ ବ୍ୟତିତ ତିନିଜଣ ପୂର୍ବତନ ଉପରାଷ୍ଟ୍ରପତି ମଧ୍ୟ ଜଲ୍‌ସାରେ ସାମିଲ ହେଲେ । ରାଷ୍ଟ୍ରପତି ମହୋଦୟ ନିଜର ଅଭିଭାଷଣରେ ଯମାତ୍‌ର ସେବାମୁଲକ କାର୍ଯ୍ୟର ପ୍ରଶଂସା କଲେ ଅନେକ ସମ୍ମାନୀୟ ବ୍ୟକ୍ତି ବିଶେଷ ଶୁଭକାମନାର ବାର୍ତା ଦେଲେ ।

ଅହେମଦୀୟା ମୁସ୍‌ଲିମ୍ ଯମାତ୍ ସେରାଲିୟୋନ୍‌ର ପ୍ରୀୟ ସଦସ୍ୟମାନେ !

*ଅସ୍‌ସଲାମୁ ଆଲୈକୁମ୍ ୱ ରହ୍‌ମତୁଲ୍ଲାହି ୱ ବରକାତୁହୁ ।*

ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ନିଜର ୫୬ତମ ଜଲ୍‌ସା ସାଲାନା ୮,୯ ଏବଂ ୧୦ ଫେବୃୟାରୀ ୨୦୧୯ରେ ଅନୁଷ୍ଠିତ କରୁଛନ୍ତି । ମୋର ଏ ପ୍ରାର୍ଥନା ଯେ ଅଲ୍ଲାଃ ତାଲା ଆପଣଙ୍କ ଜଲ୍‌ସାକୁ ବହୁତ ସଫଳତା ପ୍ରଦାନ କରନ୍ତୁ ଏବଂ ଏହି ସ୍ୱତନ୍ତ୍ର ଧାର୍ମିକ ସମ୍ମିଳନୀରେ ଯେଉଁମାନେ ଯୋଗ ଦେଇଛନ୍ତି, ସେମାନେ ସମସ୍ତେ ଖୁଦାଙ୍କ ବିଶେଷ କୃପା ଓ ବର୍‌କତ୍ ହାସଲ କରନ୍ତୁ ।

ଏ କଥା ମନରେ ରଖ ଯେ ଜଣେ ଅହେମଦୀ ମୁସଲମାନ ରୂପେ ଜନ୍ମ ଗ୍ରହଣ କରିବା ନା ନିଜକୁ ଅହେମଦୀ ବୋଲାଇବା ଯଥେଷ୍ଟ ନୁହେଁ । ନିଶ୍ଚିତ ରୂପେ ହଜରତ ମସିହ ମଉଦ ଆ:ସଙ୍କୁ ମାନିବା ତ କେବଳ ଅହେମଦୀୟତ ପ୍ରତି ପ୍ରଥମ ପଦକ୍ଷେପ ବରଂ ଜଣେ କର୍ତବ୍ୟପରାୟଣ ଅହେମଦୀ ହେବା ପାଇଁ ବହୁତ ଚେଷ୍ଟା କରିବାର ଆବଶ୍ୟକ ରହିଛି ଯେ ସେହି ସବୁ କର୍ମ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇ କାର୍ଯ୍ୟ କରାଯାଉ ଯାହା ଜଣେ ଅହେମଦୀଙ୍କଠାରୁ ଆଶା କରାଯାଇଥାଏ ।

ହଜରତ ମସିହ ମଉଦ ଆ:ସ ସ୍ୱଷ୍ଟରୂପେ କହିଛନ୍ତି: ବୟତର ଅର୍ଥ ହେଉଛି ନିଜକୁ ଅଲ୍ଲାଃ ତାଲାଙ୍କଠାରେ ନ୍ୟସ୍ତ କରିଦେବା ଆମ ଉପରେ ଅଲ୍ଲାଃ ତାଲାଙ୍କର ଏହା ବହୁତ ଅନୁଗ୍ରହ ଯେ ସେ ଆମକୁ ତା କୃପାରୁ ହଜରତ ମସିହ ମଉଦ ଆ:ସଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରିଛି, ଯାହାଙ୍କ ନିମନ୍ତେ ଆଁ ହଜରତ ସ:ଆ:ସ ''ଆମ ମେହେଦୀ''ର ବାକ୍ୟର ସମ୍ବୋଧନ କରିଛନ୍ତି । ଏହି ପ୍ରେମ ଓ ସମିପତା ପରିପ୍ରକାଶର ଉଚ୍ଚତମ ସ୍ଥାନ ଯାହା ଆଁ ହଜରତ ସ:ଆ:ସ ହଜରତ ମସିହ ମଉଦ ଆ:ସ ଏବଂ ମେହେଦୀ ମାହୁଦ୍ ଆ:ସଙ୍କୁ ପ୍ରଦାନ କରିଛନ୍ତି, ଯାହାଙ୍କୁ ଶେଷ ଦିନଗୁଡ଼ିକରେ ଇସ୍‌ଲାମ୍‌ର ପୂର୍ନବିନ୍ୟାସ ଏବଂ ଶାନ୍ତି ସ୍ଥାପନ କରିବା ପାଇଁ ସଂସାରରେ ଆସିବାର ଥିଲା ।

ଆପଣ ଆ:ସ ନିଜ ଅନୁଗାମୀ ମାନଙ୍କୁ ବହୁତ ଦରଦ ର ସହିତ ବୟତର କର୍ତବ୍ୟ ଗୁଡ଼ିକୁ ସମ୍ପାଦନ କରିବା ପ୍ରତି ମାର୍ଗଦର୍ଶନ କରାଇଛନ୍ତି । ଯଦ୍ୱାରା ଆମେ ପ୍ରକୃତ ଅହେମଦୀ ହୋଇପାରିବା । ଏହି ନୀତିବାଣୀଗୁଡ଼ିକୁ ଆମେ ନିୟମିତ ନିଜ ସମ୍ମୁଖରେ ରଖିବା ଉଚିତ ଏବଂ ଏହା ହିଁ ଆମ ଆଧ୍ୟାତ୍ମିକ ସଂସ୍କାରର ମାଧ୍ୟମ ଅଟେ । ଏହା ମାଧ୍ୟମରେ ଆମେ ଧର୍ମ ଜ୍ଞାନ ହାସଲ କରିପାରିବ ଏବଂ ଏହା ମାଧ୍ୟମରେ ଆମେ ଖୁଦାତାଲାଙ୍କ ସାନ୍ନିଧ ପାଇବାର ମାର୍ଗକୁ ମଧ୍ୟ ଖୋଜିପାରିବା ଏବଂ ଏହା ମାଧ୍ୟମରେ ଆମେ ଆମର ଆସ୍ଥା ଓ କର୍ମକୁ ସୁଧାରି ପାରିବା ଓ ଅଲ୍ଲାଃଙ୍କ ସମୀପତା ହାସଲ କରିପାରିବା । ଏହା ବଡ଼ ଦୁର୍ଭାଗ୍ୟ ହେବ ଯେ ଯଦି ଆମେ ଏପରି ଭଣ୍ଡାର ହେବା ସତ୍ୱେ ସେଥିରୁ କିଛି ଲାଭ ନ ଉଠାଇବା । ସୁତରାଂ ଯମାତର ପ୍ରତ୍ୟେକ ସଦସ୍ୟଙ୍କର ଏହା କର୍ତବ୍ୟ ଯେ, ସେ ଆପଣ ଆ:ସଙ୍କ ଉପଦେଶକୁ ସତ୍‌ମାର୍ଗ ପାଇବା ପାଇଁ ପଢ଼ୁ, ଚିନ୍ତା କରୁ ଓ ତା ଉପରେ ପରିଚାଳିତ ହେଉ ଯଦ୍ୱାରା ସେ ଏହି ଉଚ୍ଚତମ ଆଧ୍ୟାତ୍ମିକ ସ୍ତରକୁ ହାସଲ କରିପାରୁ ଯାହାର ଅପେକ୍ଷା ହଜରତ ମସିହ ମଉଦ ଆ:ସ ଆମଠାରୁ ରଖିଛନ୍ତି ।

ହଜରତ ମସିହ ମଉଦ ଆ:ସଙ୍କୁ ବାରମ୍ବାର ଏହି ସ୍ୱର୍ଗବାଣୀ ହୋଇଛି **''ଇନ୍ନଲ୍ଲହା ମାଅଲ୍‌ଲଜିନତ୍ ତକୌ ୱଲଲଜିନା ହୁମ୍ ମୁହ୍‌ସିନୁନ୍''** (ନହଲ୍ : ୧୨୯) ଅର୍ଥାତ୍ ଅଲ୍ଲାଃ ତାଲା ସେମାନଙ୍କର ସାହାଯ୍ୟ ଓ ସହଯୋଗ କରିଥାନ୍ତି ଯେଉଁମାନେ ତକ୍‌ୱା ଅର୍ଥାତ୍ ଧର୍ମପରାୟଣତାକୁ ଗ୍ରହଣ କରିଥାନ୍ତି । ହଜରତ ମସିହ ମଉଦ ଆ:ସ କହୁଛନ୍ତି:

''ଈଶ୍ୱର ଜାଣିଛନ୍ତି ଏହି ସ୍ୱର୍ଗବାଣୀ ଦୁଇ ହଜାର ଥର ହୋଇଥିବ ଏହାର ଉଦ୍ଦେଶ୍ୟ ହେଉଛି ଏହା କି, ଯମାତ୍ ଏକଥା ଜାଣିଯାଉ କି, କେବଳ ଏ କଥାରେ ହିଁ ଖୁସୀ ହେବା ଉଚିତ ନୁହେଁ ଯେ, ଆମେ ଏହି ଯମାତ୍‌ରେ ସାମିଲ ହୋଇଯାଇଛୁ ବା କେବଳ ଶୁଖିଲା ଇମାନ୍ ଦ୍ୱାରା ପ୍ରସନ୍ନ ହୋଇଯିବ । ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସହଯୋଗ ସେତେବେଳେ ମିଳିବ ଯେତେବେଳେ ସଚ୍ଚା ତକ୍‌ୱା ଓ ପୁଣି ପୂଣ୍ୟ ସାଥିରେ ଥିବ ।''

ଆମେ ଯେଉଁମାନେ ହଜରତ ମସିହ ମଉଦ ଆ:ସଙ୍କ ବୟତ କରିବାର ଦାବି କରୁଅଛେ, ଆମ ଉପରେ ଏହା ଜରୁରୀ ଅଟେ କି ନା କେବଳ ଆମେ ଆପଣ ଆ:ସଙ୍କ ଲେଖାକୁ ପଢ଼ିବା ଓ ଶୁଣିବା ବରଂ ତା ଉପରେ ପରିଚାଳିତ ହୋଇ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଏପରି ସ୍ତରକୁ ନେଇଯିବା ଯାହାର ଆଶା ହଜରତ ମସିହ ମଉଦ ଆ:ସ ଆମଠାରୁ ରଖିଛନ୍ତି । ଓ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମେ ଅଲ୍ଲାଃ ତାଲାଙ୍କ ସହିତ ଏକ ନିଜି ସମ୍ପର୍କ ଯୋଡ଼ି ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଉନ୍ନତ କରିବା ଏବଂ ଅନବରତ ନିଜ କର୍ମକୁ ଉତମ କରିଚାଲିବା ଏବଂ ତବ୍‌ଲିଗ୍ କରିବାର ନୂଆ ନୂଆ ମାର୍ଗ ଖୋଲିବା । ଆମେ ବାସ୍ତବିକତା ଯଥେଷ୍ଟ ମଣିବା ଉଚିତ ନୂହେଁ ଯେ ଆମେ ହଜରତ ମସିହ ମଉଦ ଆ:ସଙ୍କୁ ମାନି ନେଇଛେ । ଯିଏ ଥିଲେ ଆଁ ହଜରତ ସ:ଆ:ସଙ୍କ ଜଣେ ପୁର୍ନ ଅନୁଗାମୀ, ଯାହାଙ୍କୁ ଇସଲାମର ପ୍ରତିରକ୍ଷା ଓ ତାହାର ମହାନତାକୁ ପ୍ରତିଷ୍ଠା କରିବାର ଥିଲା । ଆମେ ଆମର ସମସ୍ତ ସାମର୍ଥ୍ୟକୁ ବିନିଯୋଗ କରି ସମ୍ପୁର୍ଣ୍ଣ ଚେଷ୍ଟା କରିବା ଉଚିତ ଓ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଉତମ କରିବା ଉଚିତ ଓ ନିଜର ଉପାସନାର ସ୍ତରକୁ ଏପରି ସ୍ଥାନକୁ ନେଇଯିବା ଉଚିତ ଯାହା ଆମଠାରୁ ଅଲ୍ଲାଃ ତାଲା ଚାହୁଁଛନ୍ତି ଏବଂ ସମସ୍ତ ପ୍ରକାରର କୁକର୍ମକୁ ପରିତ୍ୟାଗ କରି ପୁର୍ନ ଇମାନ୍‌ଦାରିରେ ପୂର୍ଣ୍ଣ୍ୟକର୍ମଗୁଡ଼ିକୁ ସମ୍ପାଦନ କରିବା ଉଚିତ ।

ଅଲ୍ଲାଃ ତାଲା ଆପଣ ମାନଙ୍କୁ ହଜରତ ମସିହ ମଉଦ ଆ:ସଙ୍କ ବାବର୍‌କତ୍ ଶବ୍ଦ ଓ ଉପଦେଶାବଳି ଉପରେ ଧ୍ୟାନ ଦେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଓ ସେ ଆପଣମାନଙ୍କ ଜଲ୍‌ସାକୁ ସୁନ୍ଦରରୂପେ ସଫଳତା ପ୍ରଦାନ କରନ୍ତୁ । ଆପଣ ସମସ୍ତଙ୍କୁ ବୟତର କର୍ତବ୍ୟଗୁଡ଼ିକୁ ପାଳନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆପଣମାନେ ସର୍ବଦା ଖିଲାଫତ ବ୍ୟବସ୍ଥା ସହିତ ନିଷ୍ଠାବାନ ରୁହନ୍ତୁ ଏବଂ ଅଲ୍ଲାଃ ତାଲା ଆପଣମାନଙ୍କ ଜୀବନରେ ପ୍ରକୃତ ପରିବର୍ତନ ଘଟାଇ ଆପଣମାନଙ୍କୁ ପୂଣ୍ୟ, ଧର୍ମପରାୟଣତା, ଇସ୍‌ଲାମ୍ ଏବଂ ମାନବଜାତିର ସେବାରେ ବଢ଼ାଇଚାଲୁ । ଅଲ୍ଲାଃ ଆପଣସମସ୍ତଙ୍କ ଉପରେ କୃପା କରନ୍ତୁ ।

## ଗୋଟିଏ ଜାତିରୂପେ ଆମେ ଆପଣଙ୍କ ଉତମ ନେତୃତ୍ୱକୁ ପ୍ରଶଂସା କରୁଅଛୁ ଓ ଜଣେ ଆଧ୍ୟାତ୍ମିକ ଗୁରୁ ରୂପେ ହଜୁର୍ ଅକ୍‌ଦସ୍‌ଙ୍କ ବିଶ୍ୱଶାନ୍ତି ପ୍ରତିଷ୍ଠା ଓ ଭାଇଚାରା ପ୍ରତିଷ୍ଠା କରିବା ନିମନ୍ତେ ଥିବା ଅହରହ ଚେଷ୍ଟା ଯୋଗୁଁ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ

**୧୯୨୧ ମସିହାରୁ ନେଇ ଆଜି ପର୍ଯ୍ୟନ୍ତ ଅହେମଦୀୟା ମୁସଲିମ ଯମାତ୍ ସମଗ୍ର ସେରାଲିୟୋନ୍‌ରେ ଲୋକମାନଙ୍କ ଜୀବନକୁ ସୁଧାରି ଚାଲିଛି**

**ସେରାଲିୟୋନର ରାଷ୍ଟ୍ରପତି ମହୋଦୟଙ୍କ ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ**

ସେରାଲିୟୋନ୍‌ର ମହାମିହମ୍ ରାଷ୍ଟ୍ରପତି ଜଲ୍‌ସା ସାଲାନା ସେରାଲିୟୋନ୍ ୨୦୧୯ ଅବସରରେ ନିଜର ଅନେକ ମନ୍ତ୍ରୀମାନଙ୍କ ସହିତ ଯୋଗ ଦେଲେ । ସେ ଜଲ୍‌ସାର ପ୍ରଥମ ଦିନର ପ୍ରଥମ ସଭାରେ ଅଭିଭାଷଣ ପ୍ରଦାନ କଲେ । ରାଷ୍ଟ୍ରପତି ମହୋଦୟଙ୍କ ବିଶ୍ୱାସ ବର୍ଦ୍ଧକ ମନୋଭାବକୁ ନିମ୍ନରେ ଉପସ୍ଥାପନ କରାଯାଉଅଛି:

''ମୁଁ ମୋ ନିଜ ତରଫରୁ ମଧ୍ୟ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ଯେ, ମତେ ଯମାତ୍ ଅହେମଦୀୟାର ଜଲ୍‌ସା ସାଲାନାରେ ଯୋଗଦେବା ପାଇଁ ଅବସର ପ୍ରଦାନ କରିଛନ୍ତି । ମୋ ସରକାର ଏବଂ ସେରାଲିୟୋନ୍‌ର ଜନସାଧାରଣଙ୍କ ତରଫରୁ ଯମାତ୍ ଅହେମଦୀୟାର ବିଶ୍ୱବ୍ୟାପୀ ଆଧ୍ୟାତ୍ମିକ ଗୁରୁ ହଜୁର ଅକ୍‌ଦସ୍‌ଙ୍କ ଗୋଚରରେ ପ୍ରେମଭରା ସଲାମ୍ ପହଂଚାଇ ଦିଅନ୍ତୁ । ଗୋଟିଏ ଜାତିରୂପେ ଆମେ ଆପଣଙ୍କ ଉତମ ନେତୃତ୍ୱକୁ ପ୍ରଶଂସା କରୁଅଛୁ ଓ ଜଣେ ଆଧ୍ୟାତ୍ମିକ ଗୁରୁ ରୂପେ ହଜୁର୍ ଅକ୍‌ଦସ୍‌ଙ୍କ ବିଶ୍ୱଶାନ୍ତି ପ୍ରତିଷ୍ଠା ଓ ଭାଇଚାରା ପ୍ରତିଷ୍ଠା କରିବା ନିମନ୍ତେ ଥିବା ଅହରହ ଚେଷ୍ଟା ଯୋଗୁଁ ଆପଣଙ୍କୁ ଶୁଭେଚ୍ଛା ଜଣାଉଛୁ । ମୁଁ ହଜୁର ଅକ୍‌ଦସ୍‌ଙ୍କ ପୁସ୍ତକ Pathway to Peace କୁ ବହୁତ ଧ୍ୟାନର ସହିତ ଅଧ୍ୟୟନ କରିଛି ଯାହା ଇସଲାମର ଶିକ୍ଷା ମାଧ୍ୟମରେ ବିଶ୍ୱଶାନ୍ତି ସ୍ଥାପନ କରିବାର ଏକ ମହାନତମ ଚେଷ୍ଟା ।

୨୦୦୩ ମସିହାରେ ଅନୁଷ୍ଠିତ ହୋଇଥିବା ଆପଣଙ୍କ Peace Symposium ଏବଂ ପ୍ରସିଦ୍ଧ ପୁସ୍ତକ Pathway to Peace ଏ ସମ୍ବନ୍ଧରେ ମାର୍ଗଦର୍ଶନ କରାଉଛି ଯାହାର କାର୍ଯ୍ୟନମୁନା ଯମାତ୍ ଅହେମଦୀୟା ସେରାଲିୟୋନ୍ ଦେଖାଇ ଚାଲିଛି । ଗୋଟିଏ ଜାତି ରୂପେ ଆମେ ହଜୁର ଅନୱରଙ୍କ ସେବାରେ ଧନ୍ୟବାଦର ବାର୍ତା ପ୍ରେରଣ କରୁଅଛୁ । ୧୯୨୧ ମସିହାରୁ ନେଇ ଆଜି ପର୍ଯ୍ୟନ୍ତ ଅହେମଦୀୟା ମୁସଲିମ ଯମାତ୍ ସମଗ୍ର ସେରାଲିୟୋନ୍‌ରେ ଲୋକମାନଙ୍କ ଜୀବନକୁ ସୁଧାରି ଚାଲିଛି ।

ସମ୍ମାନୀୟ ପୁରୁଷ ଓ ସମ୍ମାନୀୟା ମହିଳାମାନେ ମୁଁ ଏହି କଥାକୁ ବର୍ଣ୍ଣନା କରି ନିଜର ବକ୍ତବ୍ୟକୁ ଶେଷ କରୁଅଛି ଯେ, ମୋର ଏବଂ ମୋ ସରକାରର ପୂର୍ନସହଯୋଗ ଆପଣମାନଙ୍କ ସହିତ ରହିଛି । ଅନେକ ପିଢ଼ି ପର୍ଯ୍ୟନ୍ତ ଆପଣମାନେ ଜୀବନକୁ ସୁଧାରି ଚାଲିଛନ୍ତି । ରାଷ୍ଟ୍ରପତି ମହୋଦୟ Humanity First ଏବଂ IAAAE ର ସେବାକୁ ମଧ୍ୟ ପ୍ରଶଂସା କଲେ ।

# : ଖୁତ୍‌ବା ଜୁମା :

**ଜଲ୍‌ସାର ଉଦ୍ଦେଶ୍ୟ ହେଉଛି...... ଏହା କି ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରିବାପାଇଁ ଚେଷ୍ଟା କରାଯାଉ, ତାହାଙ୍କ ରସୁଲ୍ ସ:ଆ:ସଙ୍କ ପ୍ରେମକୁ ହୃଦୟରେ ବଢ଼ାଯାଉ ।**

**ଯଦି ଅତିଥିମାନଙ୍କର ଏ ଅଧିକାର ଅଛି କି, ଅତିଥି ସତ୍କାର କରାଯାଉ ତେବେ ଆତିଥ୍ୟତା କରୁଥିବା ଲୋକମାନଙ୍କ ଅଧିକାର ଯେ ଅତିଥି ତାଙ୍କର ଅଧିକାରକୁ ପ୍ରଦାନ କରନ୍ତୁ ଏବଂ ତାଙ୍କ ଉପରେ ବୋଝ ଲଦନ୍ତୁ ନାହିଁ ।**

**ୟୁ.କେ ର ଜଲ୍‌ସା ମର୍କଜି ଜଲ୍‌ସା ହୋଇଥିବାରୁ ଏଠାରେ ଯୋଗ ଦେବା ପାଇଁ ବାହାରୁ ବହୁତ ଲୋକ ଆସିବାକୁ ଚେଷ୍ଟା କରିଥାନ୍ତି କାରଣ ଖିଲାଫତ୍‌ର ମର୍କଜ ଏଠାରେ ରହିଛି ।**

**ନବି କରିମ୍ ସ:ଆ:ସଙ୍କ ସୁନ୍ନତ ଏବଂ ହଜରତ ମସିହ ମଉଦ ଆ:ସଙ୍କ ସିରତ୍‌ରୁ ଉଦାହରଣମାନ ବର୍ଣ୍ଣନା କରି ଅତିଥି ପରାୟଣତାର ଗୁରୁତ୍ୱକୁ ବର୍ଣ୍ଣନା । ଅତିଥି ସତ୍କାର କରୁଥିବା ଲୋକେ ଓ ଅତିଥିମାନଙ୍କୁ ମଧ ଜଣେ ଅନ୍ୟଜଣଙ୍କର ଅଧିକାର ପ୍ରଦାନ କରିବା ନିମନ୍ତେ ଉପଦେଶ ।**

**ଜଲ୍‌ସା ଦିନଗୁଡ଼ିକରେ ବାଯମାତ୍ ନମାଜ୍, ତହଯୁଦ୍‌ର ବ୍ୟବସ୍ଥା ପରିବେଶକୁ ପବିତ୍ର ରଖିବାପାଇଁ ଓ ନିଜର ଅବସ୍ଥା ବଦଳାଇବା ପାଇଁ ଉପଦେଶ ।**

**ଜଲ୍‌ସା ସାଲାନାର ବିଭିନ୍ନ ବିଭାଗ, ରୋଟି ପ୍ଲାଂଟ ଏବଂ ଲଙ୍ଗରଖାନା ଇତ୍ୟାଦିର ଚର୍ଚ୍ଚା । ଇସଲାମର ପ୍ରଥା ତତ୍ ସହିତ ପୃଥିବୀରୁ ଆସିଥିବା ଅହେମଦୀମାନେ ଏବଂ ଜଲ୍‌ସା ସାଲାନାର ସଫଳତା ନିମନ୍ତେ ପ୍ରାର୍ଥନା କରିବାପାଇଁ ଉପଦେଶ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୨ ଅଗଷ୍ଟ ୨୦୧୯ ଅନୁଯାୟୀ ୦୨ ଜହୁର୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِينَ - الرَّحْمٰنِ الرَّحِيمِ - مٰلِكِ يَوْمِ الدِّينِ - إِيَّاكَ نَعْبُدُ وَإِيَّاكَ نَسْتَعِينُ -
اِهْدِنَا الصِّرَاطَ الْمُسْتَقِيمَ - صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ -

ଅଲ୍ଲାଃ ତାଲା ଆମକୁ ଆଜି ପୁଣି ଜଲ୍‌ସା ସାଲାନା ୟୁ.କେ ରେ ସାମିଲ ହେବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ପଛ ମାସ ଜର୍ମାନୀର ଜଲ୍‌ସା ସାଲାନା ଅନୁଷ୍ଠିତ ହୋଇଥିଲା । ପୃଥିବୀର ବଡ଼, ପ୍ରାଶ୍ଚାତ୍ୟ ଦେଶ ଗୁଡ଼ିକର ଯମାତ୍ ମାନଙ୍କ ମଧ୍ୟରୁ କାନାଡ଼ାରେ ଜଲ୍‌ସା ହେଲା (ତାହା ଜର୍ମାନୀ ଜଲ୍‌ସା ଅନୁଷ୍ଠିତ ହେଉଥିବା ସମୟରେ ହିଁ ହୋଇଥିଲା) ପୁଣି ବିଗତ ମାସରେ ଆମେରିକାର ଜଲ୍‌ସା ସାଲାନା ଅନୁଷ୍ଠିତ ହେଲା । ସେହିପରି ପୃଥିବୀର ଆହୁରି ଅନେକ ଦେଶଗୁଡ଼ିକରେ ମଧ ଜଲ୍‌ସା ଅନୁଷ୍ଠିତ ହେଲା । ଏହିପରି ଭାବେ ବହୁତ ବୈଭବର ସହିତ ପ୍ରତ୍ୟେକ ସ୍ଥାନରେ ହଜରତ ମସିହ ମଉଦ ଆ:ସଙ୍କ ସହିତ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସହଯୋଗର ଯେଉଁ ପ୍ରତିଶୃତି ଥିଲା, ତାହା ସବୁ ପୁରଣ ହେବାର ଦେଖିବାକୁ ପାଉଛେ । ସେ ଯାହା ହେଉ ଜଲ୍‌ସା ସାଲାନା ୟୁ.କେ ର ଏକ ସ୍ୱତନ୍ତ୍ର ସ୍ଥାନ ଏ ଦୃଷ୍ଟିକୋଣରୁ ସୃଷ୍ଟି ହୋଇଛି ଯେ, ପୃଥିବୀର ଆଖି ଏହି ଜଲ୍‌ସା ଉପରେ ବଶେଷ ଭାବେ ରହିଛି ନିଜମାନଙ୍କର, ଅନ୍ୟମାନଙ୍କର ଏବଂ ପ୍ରତ୍ୟେକ ଦୃଷ୍ଟିକୋଣରୁ ଏହି ଜଲ୍‌ସାକୁ ଆନ୍ତର୍ଜାତିୟ ଜଲ୍‌ସା ରୂପେ ମାନ୍ୟତା ଦିଆଗଲାଣି । ଏହି ଜଲ୍‌ସା କେବଳ ଏବେ ୟୁ.କେ ର ଜଲ୍‌ସା ହୋଇ ରହିନାହିଁ ଯେପରି କି ମୁଁ ଜର୍ମାନୀର ଜଲ୍‌ସା ସମ୍ବନ୍ଧରେ ମଧ କହିଥିଲି ଯେ, ଏବେ ଜର୍ମାନୀର ଜଲ୍‌ସା ମଧ ଆନ୍ତର୍ଜାତିୟ ମର୍ଯ୍ୟାଦା ପାଇଗଲାଣି । ବହୁତ ଗୁଡ଼ିଏ ଦେଶର ପ୍ରତିନିଧିମଣ୍ଡଳ ମଧ ସେଠାରେ ଯୋଗ ଦେଇଥିଲେ ଏବଂ ଉପସ୍ଥାନ ଦୃଷ୍ଟିକୋଣରୁ ମଧ ବୋଧ ହୁଏ ଜଲ୍‌ସାର ଉପସ୍ଥାନ ୟୁ.କେ ଠାରୁ ଅଧିକ ଥିବ । କିନ୍ତୁ ପୁଣି ମଧ ୟୁ.କେ ଜଲ୍‌ସା ହେଉଛି ମର୍କଜି ଜଲ୍‌ସା ସେଥିପାଇଁ ଏଠାରେ ଯୋଗଦେବା ନିମନ୍ତେ ବାହାରୁ ଲୋକମାନେ ବହୁ ମାତ୍ରାରେ ଆସିବା ପାଇଁ ଚେଷ୍ଟା କରିଥାନ୍ତି । କାରଣ ଖିଲାଫତ୍ ର କେନ୍ଦ୍ର ହେଉଛି ଏଠାରେ । ସୁତରାଂ ଏହି ଦୃଷ୍ଟିକୋଣରୁ ପୃଥିବୀର ବିଭିନ୍ନ ଦେଶରୁ ନିଜ ଲୋକମାନେ ଏବଂ ଅନ୍ୟ ସମ୍ପ୍ରଦାୟର ଲୋକମାନେ ମଧ ୟୁ.କେ ର ଜଲ୍‌ସା ସାଲାନାରେ ଯୋଗ ଦେବା ପାଇଁ ଚେଷ୍ଟା କରିଥାନ୍ତି । ଏ ଦୃଷ୍ଟିକୋଣରୁ ଏଠାରେ ଜଲ୍‌ସାର କର୍ମୀମାନଙ୍କ ଦାୟିତ୍ୱ ମଧ ବହୁତ ବଢ଼ିଯାଇଥାଏ । ଏବଂ ପୁଣି ଏଠାରେ ହଦିକତୁଲ୍ ମେହେଦି ରେ ଏହା ଏକ ଅସ୍ଥାୟୀ ସହର ନିର୍ମାଣ କରାଯାଇଛି । ଏଠାରେ ବ୍ୟବସ୍ଥା ମଧ ବିଶେଷ ରୂପେ ହେବା ଆବଶ୍ୟକ । ସୁତରାଂ ଏହି ଦୃଷ୍ଟିକୋଣରୁ ଯେପରି ମୁଁ କାର୍କୁନ ମାନଙ୍କୁ ସେମାନଙ୍କ କାର୍ଯ୍ୟ ସମ୍ବନ୍ଧରେ, ଏବଂ ଦାୟିତ୍ୱପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ । ଏବେ ଏଠାରେ ମୁଁ ଏ ବିଷୟରେ ପ୍ରଥମେ କିଛି କଥା କହିବି ।

ଅଲ୍ଲାଃ ତାଲାଙ୍କ କୃପାରୁ ୟୁ.କେ ରେ ରହୁଥିବା ଅହେମଦୀ ଆବାଳବୃଦ୍ଧବନିତା ବିଗତ ୩୫ ବର୍ଷ ହେବ ଯେବେ ଠାରୁ ଖିଲାଫତ୍‌ର ମର୍କଜ୍ ଏଠାକୁ ଆସିଲାଣି ଏବଂ ଜଲ୍‌ସାର ବ୍ୟବସ୍ଥା ଖଲିଫାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଲାଣି, ସେମାନେ ସମସ୍ତେ ମିଳିମିଶି ଏହି ବ୍ୟବସ୍ଥାକୁ ସମ୍ପାଦନ କରୁଛନ୍ତି ଓ ନିଜ ନିଜର ଡ୍ୟୁଟିକୁ ବହୁତ ସୁନ୍ଦର ଭାବେ ନିର୍ବାହ କରୁଛନ୍ତି । ଯଦିଚ ୟୁ.କେ ର ଜଲ୍‌ସା ସାଲାନାର ଇତିହାସ ମଧ ବହୁତ ପୁରୁଣା କିନ୍ତୁ ସେ ସମୟର ଜଲ୍‌ସା ତ ଏବେକାର ଗୋଟିଏ ହଲ୍‌କାର ମାସିକ ମିଟିଙ୍ଗରେ ଉପସ୍ଥିତ ହେଉଥିବା ଲୋକମାନଙ୍କଠାରୁ ମଧ କମ୍ ଥିବ ସେଥିପାଇଁ ମୁଁ ବିଗତ ୩୫ ବର୍ଷ ଇତିହାସର ହୱାଲା ଦେଇଛି । ଯାହା ଖିଲାଫତେ ଅହେମଦିୟାର ମର୍କଜ୍ ୟୁ.କେ ରେ ହୋଇଥିବା ଜଲ୍‌ସାର ଇତିହାସ ଅଟେ ।

ସେ ଯାହା ହେଉ ପ୍ରାରମ୍ଭରେ ଯେଉଁ ଜଲ୍‌ସା ଅନୁଷ୍ଠିତ ହୋଇଥିଲା ସେଥିରେ ହଜରତ ଖଲିଫତୁଲ୍ ମସିହିଲ୍ ରାବେ ରହେମୁଲ୍ଲାଃ ସ୍ୱୟମ୍ ମାତ୍ରାଧିକ ମାର୍ଗଦର୍ଶନ କରୁଥିଲେ । ଏଠାରେ ଇନ୍ତେଜାମାତ୍ (ଅର୍ଥାତ ଜଲ୍‌ସାର ବ୍ୟବସ୍ଥା ଗୁଡ଼ିକୁ) ଫରମେସନ୍ କରିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଛି । ପାକିସ୍ତାନର କେତେକ ଓ୍ୱହଦାଦାର୍‌ଙ୍କ ଠାରୁ ସାହାଯ୍ୟ ଓ ସହଯୋଗ ନେବାକୁ ପଡ଼ିଛି ଯେଉଁମାନେ ଏଠିକାର ଇନ୍ତେଜାମିୟାଙ୍କ ସହିତ ମିଳିମିଶି କାମ କରିଛନ୍ତି । ଲଙ୍ଗରଖାନା (ଅତିଥିଶାଳା)ର ବ୍ୟବସ୍ଥା ଗୋଟିଏ ବହୁତ ବଡ଼ ବ୍ୟବସ୍ଥା ଅଟେ । ଏଠାରେ ସାଧନ ମଧ ପାକିସ୍ତାନ ପରି ନାହିଁ ଯେଉଁପରି ଆମେ କାମ କରିବାକୁ ଚାହୁଁଅଛେ । ତେଣୁ ପ୍ରାରମ୍ଭିକ ଅବସ୍ଥାରେ ଚାରି ପାଂଚ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରିବା ମଧ ତାଙ୍କ ପାଇଁ କଠିନ ଥିଲା । ତାହା ଏପରି ଥିଲା ଯେପରି ଦୁଇ ଲକ୍ଷରୁ ଅଢ଼େଇ ଲକ୍ଷ ଲୋକଙ୍କ ପାଇଁ ବ୍ୟବସ୍ଥା କରୁଛନ୍ତି । ଖିଲାଫତ୍‌ର ହିଜ୍‌ରତ୍ ପରେ ମୁଁ ୧୯୮୮ ମସିହାର ଜଲ୍‌ସାରେ ସାମିଲ ହୋଇଥିଲି । ଓ ସେତେବେଳେ ଜଲ୍‌ସାର ବ୍ୟବସ୍ଥାକୁ ଦେଖି ଏପରି ଲାଗୁଥିଲା ଯେପରି ପାଂଚ ଛଅ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରିବା ମଧ ଏମାନଙ୍କ ନିମନ୍ତେ କଷ୍ଟକର ଥିଲା । ସେ ଯାହା ହେଉ ଆଜି ଆମେ ଦେଖୁଛେ ଯେ, ଜଲ୍‌ସାର ବ୍ୟବସ୍ଥା କାର୍ଯ୍ୟ ସମ୍ପାଦନ କରିବାରେ ଏଠିକାର କାର୍କୁନ୍‌ମାନେ ବୋଧ ହୁଏ ରବୁଓ୍ୱାର କାର୍କୁନମାନଙ୍କୁ ସାହାଯ୍ୟ କରିବାର ସାମର୍ଥ୍ୟ ରଖିଛନ୍ତି । ବିଗତ ସପ୍ତାହ କାର୍କୁନମାନଙ୍କ ସହିତ ଜଲ୍‌ସାର ବ୍ୟବସ୍ଥା ଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଯେଉଁ ଖାଦ୍ୟର ବ୍ୟବସ୍ଥା ରଖାଯାଇଥିଲା, ସେତେବେଳେ ମୋ ନିକଟରେ ରବୁଓ୍ୱାରୁ ଆସିଥିବା ଜଣେ ନାଜିର୍, ଯିଏ ନାଜିରେ ଉମୁରେ ଆମା ଅଛନ୍ତି ଏବଂ ଯିଏ ନାଏବ୍ ଅଫସର୍ ଜଲ୍‌ସା ସାଲାନା ରୂପେ ମଧ କାର୍ଯ୍ୟରତ, ସେ ବସିଥିଲେ ଖାଇବା ପରେ ମୁଁ ଦେଖିବାକୁ ପାଇଲି ଯେ, ସେମାନେ ରବୁଓ୍ୱାରୁ ଆସିଥିବା ଜଣେ ସ୍ୱେଚ୍ଛାସେବୀ କର୍ମୀଙ୍କୁ ଡ଼ାକିଲେ ଓ ତାଙ୍କ ସହିତ କିଛି କଥା ହେଲେ । ସେମାନଙ୍କୁ ମୁଁ ପଚାରିଲି ଯେ, କ'ଣ ସମସ୍ୟା ଉପୁଜିଛି ? ଏଥିରେ ସେ କହିଲେ ଯେ, ଲଙ୍ଗରର ଏହି ରୋଟି ଯାହାକୁ ଆମେ ଖାଉଛୁ ଏହାର କ୍ୱାଲିଟି ବହୁତ ଉତମ ଏବଂ ଆମେ ରବୁଓ୍ୱାରେ ରୁଟି ତିଆରି

କରିବା ପାଇଁ ଯେଉଁ ପରୀକ୍ଷା କରିଥାଉଁ । (ସେଠାରେ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପା ବଳରୁ ବିଭିନ୍ନ ପରୀକ୍ଷା ଅନୁଷ୍ଠିତ ହେଉଛି, ଲଙ୍ଗରଖାନା ଅସ୍ଥାୟୀରୁପେ ଦିନେ ଅଧେ ପାଇଁ ପରିଚାଳିତ କରାଯାଉଛି । ଯଦ୍ଵାରା ମେଶିନ୍ ଗୁଡ଼ିକୁ ଚାଲୁ କରାଯାଇପାରିବ ଏବଂ କାମ କରିବାର ଅଭ୍ୟାସ ମଧ୍ୟ ରହିବ, ଡ୍ୟୁଟିର ଅଭ୍ୟାସ ମଧ୍ୟ ରହିବ ତେବେ ସେ ଯାହା ହେଉ କହୁଛନ୍ତି ଯେ) ସେଠାରେ ଆମର ଯେଉଁ ରୋଟି ତିଆରୁ ହେଉଛି ଏଠିକାର ସଦୃଶ ହେଉନାହିଁ । ପୁଣି ସେ କହିଲେ ଯେ, ମୁଁ ସେହି କାର୍କୁନଙ୍କୁ କହୁଥିଲି ଯେ, ଏଠିକାର ରୋଟି ପ୍ଲାଂଟରେ କାମ କରୁଥିବା ଲୋକମାନଙ୍କୁ ଏଠିକାର ରୋଟିର ମାନକୁ କିପରି ଏମାନେ ବଜାୟ ରଖୁଛନ୍ତି ସେ ବିଷୟରେ ପଚାରି ବୁଝନ୍ତୁ । ଅଟା ଏବଂ ପାଣିର ମାତ୍ରା କେତେ ରଖୁଛନ୍ତି ? ଏହି ଅଟା ଏବଂ ପାଣିର ପରିମାଣ କାଉଁଟ୍ କରିଥାଏ । ଏମାନଙ୍କଠାରୁ ଏହାର ମାତ୍ରା ପଚାରିବୁଝ । ହଜୁର ଅନଓ୍ଵର ଅ:ବ:ଅ କହୁଛନ୍ତି ଅଲ୍ଲାଃ ତାଲାଙ୍କ କରୁଣାରୁ ଏବେ ଏଠାରେ କାମ କରୁଥିବା ଲୋକମାନେ ନିଜ ନିଜର ଅଭିଜ୍ଞତାରେ ଏତେ ପାରଙ୍ଗମ ହୋଇଯାଇଛନ୍ତି ଏମାନଙ୍କର ରୋଟି ଗୁଡ଼ିକ ରବୁଓ୍ଵାର ଅଫିସରମାନଙ୍କୁ ପସନ୍ଦ ଲାଗିଲାଣି ।

ଏଥରକ ରୁଟି ପ୍ଲାଂଟରେ କାମ କରୁଥିବା ଯୁବକ ଇଞ୍ଜିନିୟରମାନେ ଅଟା ଚକଟିବା ମେଶିନ୍‌ରେ କିଛି improvements କରିଛନ୍ତି ଯଦ୍ଵାରା ଅଟା ବାହାର କରିବା ସହଜ ହୋଇଯାଇଛି । ରୋଟି ପ୍ଲାଂଟର ଇନ୍‌ଚାର୍ଜ ଓ ଯୁବକ ଇଞ୍ଜିନିର୍ମାନେ ଓ୍ଵକ୍‌ଫେ ନୌରେ ସାମିଲ ଅଛନ୍ତି । ଏହି ଟିମ୍ ଏବେ ଚେଷ୍ଟା କରୁଛନ୍ତି ଯେ କିପରି ଅଧିକରୁ ଅଧିକ କାର୍ଯ୍ୟ ସହଜସାଧ୍ୟ ହେବ । ଏବଂ ଅଟା ଚକଟିବା ଠାରୁ ନେଇ ରୁଟି ତିଆରି ହେବା ମେଶିନ୍ ପର୍ଯ୍ୟନ୍ତ ସିଧା ସଳଖ ଅଟା ପହଂଚିପାରିବ । ଏବେ କର୍ମୀମାନେ ବାଲ୍‌ଟି ସାହାଯ୍ୟରେ ଅଟାକୁ ପହଂଚାଉଛନ୍ତି, ଏହା ଶେଷ ହୋଇଯିବ । ଏହାର ଅର୍ଥ ନୁହେଁ କି ଆମେ ଏହି ଅଟୋମିଶିନ୍ ଯୋଗୁଁ କାର୍‌କୁନ୍ ମାନଙ୍କୁ ସେବା କାର୍ଯ୍ୟ କରିବାରୁ ବଂଚିତ ରଖିବୁ । ନୁହେଁ । ବରଂ ଏହି କାର୍‌କୁନ୍‌ମାନେ ଅନ୍ୟାନ୍ୟ ସେବା କାର୍ଯ୍ୟ ଉତମରୁପେ ନିର୍ବାହ କରିପାରିବେ ଏବଂ ଏହା ହେଉଛି ଆମ ଯମାତ୍‌ର ଏକ ସ୍ଵତନ୍ତ୍ରତା ଯେ ପିଲାଦିନୁ ନେଇ ବଡ଼ ହେବା ପର୍ଯ୍ୟନ୍ତ ଆମ କାର୍‌କୁନମାନେ ବହୁତ ଖୁସିରେ ପ୍ରତ୍ୟେକ କାର୍ଯ୍ୟକୁ ନିଜର ଉତମ ସାମର୍ଥ୍ୟକୁ ବିନିଯୋଗ କରି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ସେ ଯାହା ହେଉ ଏହା ବର୍ଣ୍ଣନା କରିବାର ଉଦ୍ଦେଶ୍ୟ ହେଉଛି ଏହା କି ଏପରି ଏକ ସମୟ ଥିଲା ଯେତେବେଳେ ଚାରି ପାଂଚ ହଜାର ଲୋକଙ୍କୁ ଖାଦ୍ୟ ଖୁଆଇବା ଇନ୍ତେଜାମିଆ (ଅର୍ଥାତ୍ ବ୍ୟବସ୍ଥାପିକା)ଙ୍କ ନିମନ୍ତେ ଏକ ଚ୍ୟାଲେଞ୍ଜ ଥିଲା ଏବଂ ନବେ ପ୍ରତିଶତ ରୁଟି ବଜାରରୁ କିଣାଯାଉଥିଲା । ଗୋଟିଏ ଛୋଟ ସେକେଣ୍ଡ ହାଣ୍ଡ ରୁଟି ପ୍ଲାଂଟ ନିଆଯାଇଥିଲା ଯାହା ଅଳ୍ପ ସମୟ ବ୍ୟବଧାନରେ ଖରାପ ମଧ୍ୟ ହୋଇଯାଉଥିଲା ଇଞ୍ଜିନିୟରମାନେ ଅନବରତ ତା ଉପରେ ବସି ରହୁଥିଲେ ଓ ସେହି କାର୍ଯ୍ୟରେ ଆମର ପୁରୁଣା ବୟୋଜ୍ୟେଷ୍ଠ ଇଞ୍ଜିନିୟରମାନେ ବହୁତ କାମ କରିଛନ୍ତି । ସେହି ପୁରୁଣା ପ୍ଲାଂଟରେ କିଛି ହଜାର ରୁଟି ତିଆରି ହୋଇପାରୁଥିଲା ଓ ତାହା ସବୁ ଗୋଲ୍ ମଧ୍ୟ ହେଉନଥିଲା । ଏହିପରି ପିଟା ବ୍ରେଡ଼ (Pita Bread) ସଦୃଶ ହେଉଥିଲା । କିନ୍ତୁ ଏବେ ଅଲ୍ଲାଃଙ୍କ କୃପାରୁ ୩୫-୪୦ ହଜାର ଲୋକଙ୍କ ପାଇଁ ଏମାନେ ନିଜେ ରୁଟି ତିଆରି କରୁଛନ୍ତି ଏବଂ ଲକ୍ଷାଧିକ ରୁଟି ତିଆରି ହେଉଛି । ଏପରି କ୍ଵାଲିଟିର ରୁଟି ତିଆରି ହେଉଛି, ଯାହାକୁ ମୁଁ ଚେକ୍ ମଧ୍ୟ କରିଛି, ଲୋକମାନେ ମଧ୍ୟ ପସନ୍ଦ କଲେ । ଏବଂ ସମୟେ ସମୟେ ମୁଁ ଏହି ରୁଟିକୁ ଚେକ୍ ମଧ୍ୟ କରିଥାଏ । ଏହି ରୁଟି ପୁର୍ବାପେକ୍ଷା ବହୁତ ଭଲ । ଯେଉଁ ଯୁବକମାନେ ଏହି କାର୍ଯ୍ୟ କରୁଛନ୍ତି, ଅଲ୍ଲାଃ ତାଲା ସେମାନଙ୍କ ଦକ୍ଷତାକୁ ବୃଦ୍ଧି କରନ୍ତୁ ଏବଂ ସେମାନଙ୍କୁ ସୁବୁଦ୍ଧି ଦିଅନ୍ତୁ ଓ ଏହି କାର୍ଯ୍ୟରେ ଆଗକୁ ବଢ଼ାନ୍ତୁ । ଏମାନେ ପୂର୍ବ ଠାରୁ ଅଧିକା ଅତିଥିମାନଙ୍କର ସେବା କରିଚାଲନ୍ତୁ ।

ସେହିପରି ଲଙ୍ଗରଖାନାରେ ଖାଦ୍ୟ ପ୍ରସ୍ତୁତ କରିବାପାଇଁ ଟିମ୍ ଅଛନ୍ତି । ଏମାନେ ନିଜ ନିଜର ଇନ୍‌ଚାର୍ଜ ମାନଙ୍କ ସହିତ ମିଶି ବହୁତ ପରିଶ୍ରମ କରି ମନ ଲଗାଇ କାମ କରୁଛନ୍ତି । ଖାଦ୍ୟର ମାନ ବହୁତ ଉତମ । ଈଶ୍ଵର କରନ୍ତୁ ଯେ ଏହି ତିନିଦିନ ଯାକ ମଧ୍ୟ ଖାଦ୍ୟ ଉତମ ରହୁ ।

ପୁଣି ଲଙ୍ଗରଖାନାର ଦେଗିଚି/ କଢ଼େଇ ଧୁଆଯିବାର ବିଭାଗ ରହିଛି । ଏହା ମଧ୍ୟ ବହୁତ ବଡ଼ କାମ । ଏମାନଙ୍କୁ କିଛି ବର୍ଷ ପୂର୍ବେ ଜର୍ମାନୀରୁ ଆମ ଅହେମଦୀ ଇଞ୍ଜିନିୟରମାନଙ୍କ ଦ୍ଵାରା ନିର୍ମାଣ କରାଯାଇଥିବା ଦେଗିଚି / ହଣ୍ଡା ଧୁଆହେବା ମେଶିନ୍ ମଗାଇ ଦିଆଯାଇଥିଲା । ଜର୍ମାନୀରେ ଏହାକୁ ବହୁତ ପସନ୍ଦ କରାଯାଏ । ସେଠାରେ ଏହା ବହୁତ ସଫଳ ହୋଇଛି । ସେମାନେ ଏହା ସ୍ଵୀକାର କରୁଛନ୍ତି ଯେ ଏହି ମେଶିନ୍ ଖୁବ୍ ଶିଘ୍ର ଦେଗିଚି / ହଣ୍ଡା ଧୋଇ ନିଜେ ହିଁ ବାହାରକୁ ବାହାର କରିଦେଉଛି । ଏଠାରେ ଆମର ଏହି ବିଭାଗ ଦୁଇ ତିନି ବର୍ଷ ପର୍ଯ୍ୟନ୍ତ ଏହି ମେଶିନକୁ ବ୍ୟବହାର କରିଛି, ତତ୍‌ସହିତ ନିଜେ ମଧ୍ୟ ଦେଗିଚି / ହଣ୍ଡା ଧୋଇଛନ୍ତି । ମୋ କହିବାରେ ଏମାନେ ଉକ୍ତ ମେଶିନକୁ ବ୍ୟବହାର କଲେ କିନ୍ତୁ ପଛ ବର୍ଷଠାରୁ ଏମାନେ ବହୁତ ଅନୁରୋଧ କରି ଏକଥା ଆରମ୍ଭ କରିଛନ୍ତି ଯେ ଆମକୁ ହାତ ଦ୍ଵାରା ଏହି କାର୍ଯ୍ୟ କରିବାକୁ ଦିଅନ୍ତୁ, ଆମେ କମ୍ ସମୟରେ ଏହି ଦେଗିଚି ଗୁଡ଼ିକୁ ୧/୩ ସମୟରେ ଧୋଇ ଦେଉଛୁ ଅର୍ଥାତ୍ ଯେତେ ସମୟରେ ମେଶିନ୍ ଗୋଟିଏ ଦେଗିଚି ଧୋଉଛି ଆମେ ସେତିକି ସମୟରେ ତିନୋଟି ଦେଗିଚି ଧୋଇ ଦେଉଛୁ । ଓ ମେଶିନ୍‌ଠାରୁ ସଫା ଓ ଭଲ ରୂପେ ଧୋଉଛୁ । ମୁଁ ତାଙ୍କ ଇନ୍‌ଚାର୍ଜଙ୍କୁ ଥଟ୍ଟାରେ ସେହିଦିନ କହିଥିଲି ଯେ ଏପରି ଲାଗୁଛି ଆପଣ ଏହି ବିଭାଗ ପାଇଁ କୌଣସି ଜିନ୍‌ଙ୍କୁ ରଖିଛନ୍ତି, ଯିଏ ଏତେ ସଫାସୁତୁରା କରିଦେଉଛି କାରଣ ଜର୍ମାନୀର ଲୋକେ ଏ ପର୍ଯ୍ୟନ୍ତ ଏକଥା ମାନିବାକୁ ପ୍ରସ୍ତୁତ ନାହାନ୍ତି ଯେ ଏତେ କମ୍ ସମୟରେ କିଏ ଦେଗିଚି ଧୋଇପାରେ । ସେ ଯାହା ହେଉ ଏହି ବିଭାଗରେ ଏମାନେ ବହୁତ ପରିଶ୍ରମ କରୁଛନ୍ତି । ଏମାନେ କେବଳ ସମୟ ଓ ପରିଶ୍ରମ କରୁନାହାନ୍ତି ବରଂ ବହୁତ କଷ୍ଟସାଧ କାର୍ଯ୍ୟକୁ ସମ୍ପାଦନ କରୁଛନ୍ତି । ପାକିସ୍ତାନ ଓ କାଦିଆନ୍‌ରେ ଏହି କାମକୁ ମଜୁରିଆଙ୍କୁ ଲଗାଇ ମଜୁରୀ ଦେଇ କରାଯାଇଥିଲା କିନ୍ତୁ ଏଠାରେ ବହୁତ ନିଷ୍ଠା ଓ ଉତ୍ସାହର ସହିତ କାର୍‌କୁନ୍‌ମାନେ ଏହି କାର୍ଯ୍ୟ କରୁଛନ୍ତି ।

ପୁଣି ଖାଦ୍ୟ ଖୁଆଇବା ବିଭାଗ ଅଛି । ଏଥରକ ଏମାନେ ମଧ୍ୟ ଉନ୍ନତି ଆଣିବାକୁ ଚେଷ୍ଟା କରିଛନ୍ତି । ଏଠାରେ ଜାଗା ଓ ମାରିକ ବଡ଼ ଲଗାଯାଇଛି ଯଦ୍ଵାରା ଅତିଥିମାନେ ଆରାମ୍‌ରେ ଏବଂ କମ୍ ସମୟରେ ଖାଦ୍ୟ ଖାଇପାରିବେ ।

ପୁଣି ନିଜାଫତ୍ ଏବଂ ସଫେଇ ବିଭାଗ ରହିଛି, କାର୍ ପାର୍କିଂ ବିଭାଗ, ଟ୍ରାଫିକ୍ ବିଭାଗ ରହିଛି । ଯଲ୍‌ସା ଗାଃ ଭିତରେ ଅହୁରି ଅନ୍ୟାନ୍ୟ ବିଭାଗମାନ ଅଛନ୍ତି । ସିକ୍ୟୁରିଟି ବିଭାଗ ହେଉଛି ଏକ ବଡ଼ ଗୁରୁତ୍ଵପୂର୍ଣ୍ଣ ବିଭାଗ ସେହିପରି ଆହୁରି ଅନେକ ବିଭାଗମାନ ଅଛି । ନିଜ ନିଜ ସ୍ଥାନରେ ପ୍ରତ୍ୟେକ ବିଭାଗ ହେଉଛି ଗୁରୁତ୍ଵପୁର୍ଣ୍ଣ । ଏହି ସମସ୍ତ ବିଭାଗ ଗୁଡ଼ିକରେ ହଜାର ହଜାର କାର୍‌କୁନ୍ (ଅର୍ଥାତ୍ ସ୍ଵେଚ୍ଛାସେବୀ କର୍ମୀ) ମାନଙ୍କୁ କାମ କରିବାର ସୌଭାଗ୍ୟ ମିଳୁଛି । ଅଲ୍ଲାଃ ତାଲା ଏହି ସମସ୍ତ ଲୋକମାନଙ୍କୁ ସୁଚାରୁରୂପେ କାର୍ଯ୍ୟ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଯେଉଁଭଳି ମୁଁ ସର୍ବଦା କାର୍‌କୁନ୍‌ମାନଙ୍କୁ ଏକଥା କହିଥାଏ ଯେ ଯେଉଁ ଆଗ୍ରହ ଓ ଉତ୍ସାହ ସହିତ ଆପଣମାନେ ନିଜକୁ ହଜରତ ମସିହ ମଉଦ ଆ:ସଙ୍କ ଅତିଥିମାନଙ୍କ ସେବ କରିବା ପାଇଁ ପେଶ୍ କରିଛନ୍ତି, ଆପଣମାନଙ୍କର କାର୍ଯ୍ୟ ହେଉଛି ସେହି ଉତ୍ସାହ / ଆଗ୍ରହକୁ ଶେଷ ସମୟ କାଏମ୍ ରଖନ୍ତୁ । ଜଲ୍‌ସା ଶେଷ ହେବା ପରେ wind up ବିଭାଗକୁ ଏହି କାର୍ଯ୍ୟକୁ ସମ୍ପାଦନ କରିବା ନିମନ୍ତେ ଉଣା ଅଧିକେ ଏକ ସପ୍ତାହ ସମୟ ଲାଗିଥାଏ ।

ଏବେ ଏ କଥାର ପରିପ୍ରକାଶ ଆପଣମାନଙ୍କ ହସ ହସ ଚେହେରା ଦ୍ଵାରା ଓ ଅତିଥିମାନଙ୍କ ସହିତ ସୁବ୍ୟବହାର ଓ ସମ୍ମାନ ଦେବାରେ ହିଁ ହେବ । ସୁତରାଂ ପୁରୁଷ କର୍ମୀମାନେ ଓ ମହିଳା କର୍ମିମାନେ, ଯେଉଁମାନେ ଏହି ଜଲ୍‌ସାରେ ଅତିଥିମାନଙ୍କ ସେବାରେ ଭିନ୍ନ ଭିନ୍ନ ସ୍ଥନରେ କାମ କରୁଛନ୍ତି. ସେମାନଙ୍କୁ ଏକଥା ସର୍ବଦା ମନେ ରଖିବାକୁ ହେବ କି ସେମାନେ ଏହି ଜଲ୍‌ସାରେ ଡ଼ବଲ୍ ପୂଣ୍ୟ ହାସଲ କରୁଛନ୍ତି ଏବଂ ବର୍‌କତ୍‌ରୁ ଭାଗ ପାଉଛନ୍ତି । ପ୍ରଥମତଃ ଜଲ୍‌ସାରେ ସାମିଲ୍ ହୋଇ ଓ ଦ୍ଵିତୀୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ସେବାକରି ଉକ୍ତ ବର୍‌କାତ୍ ଗୁଡ଼ିକ ହାସଲ କରୁଛନ୍ତି ।

ଅତିଥି ପରାୟରତା ଅଲ୍ଲାଃ ତାଲାଙ୍କୁ ମଧ୍ୟ ପସନ୍ଦ । ଏତେ ପସନ୍ଦ ଯେ ଏହାର ଚର୍ଚ୍ଚା ହଜରତ ଇବ୍ରାହୀମ୍ ଆ:ସଙ୍କ ସନ୍ଦର୍ଭରେ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ମଧ୍ୟ ଦୁଇଥର କରିଛନ୍ତି । ଯଦି ଅତିଥିମାନଙ୍କୁ ଖାଦଞ୍ଜ ଖୁଆଇବା କୌଣସି ମାମୁଲି କଥା ହୋଇଥାନ୍ତା ତେବେ ଅତିଥିମାନଙ୍କ ଆସିବାରେ ପ୍ରତ୍ୟେକ ଥର ସେମାନଙ୍କୁ ଖାଦ୍ୟ ଖୁଆଇବାର ଚର୍ଚ୍ଚା ହୋଇନଥାନ୍ତା । ତାହା ଏପରିକି ସଲାମ୍ ଦୁଆ ପରେ ଯେଉଁ ପ୍ରଥମ କାମ ସେ କଲେ ତାହା ହେଉଛି ସେ ତତ୍‌କ୍ଷଣାତ୍ ରୋଷ୍ଟ ହୋଇଥିବା ବାଛୁରୀ ମାଂସକୁ ଅତିଥିଙ୍କ ସମ୍ମୁଖରେ ଉପସ୍ଥାପନ କଲେ । ଅଲ୍ଲାଃ ତାଲା କହୁଛନ୍ତି କି ***ଫମା ଲବିସା ଅନ୍ ଯାଆ ବିଇଜ୍‌ଲିନ୍ ହନିଜିନ୍*** (ହୁଦ୍:୭୦) ଅର୍ଥାତ ପୁଣି ସେ ଅବିଳମ୍ବେ (ନିଆଁରେ) ସେକା ଯାଇଥିବା ଏକ ବାଛୁରୀ ଆଣିଲେ । ସେ ଯୁଗରେ ଯେଉଁ ଅତିଥିଚର୍ଚ୍ଚା ଥିଲା ତାହା ସେ କଲେ ଓ ନିଜର ପାଳିତ ପଶୁକୁ ଜେଭ କରି, ତାହାକୁ ଅତିଥିଙ୍କ ସାମନାରେ ପେଶ୍ କରିବା ମଧ୍ୟ ଏକ ବହୁତ ବଡ଼ ଆତିଥ୍ୟତା ଥିଲା । ଏହା ଅବିଳମ୍ବେ ପ୍ରସ୍ତୁତ ମଧ୍ୟ ହୋଇପାରୁଥିଲା । ସେ ସମୟରେ ଯାହା ଅତିଥିଚର୍ଚ୍ଚା ଥିଲା, ଅର୍ଥାତ୍ ଉଚ୍ଚମାନର ଅତିଥି ଚର୍ଚ୍ଚା ତାହା ସେ କଲେ । ବର୍ତମାନ ସମୟରେ ଅବସ୍ଥା ମୁତାବକ ଯେଉଁ ଅତିଥି ପରାୟଣତା / ଅତିଥିସେବା ରହିଛି, ତାହା ଆମକୁ କରିବା ଉଚିତ । ଏହା ଜରୁରୀ ନୁହେଁ କି, ବାଧ୍ୟ ହୋଇ କୌଣସି ବାଛୁରୀକୁ ଖୋଜାଯାଉ ବରଂ ଯାହା ସହଜରେ ଅବିଳମ୍ବେ ଉପଲବ୍ଧ ହୋଇପାରେ, ତାହା ଆମେ କରିବା ଉଚିତ । ତାଙ୍କୁ (ଅର୍ଥାତ୍ ହଜ୍‌ରତ୍ ଇବ୍ରାହିମ୍‌ଙ୍କୁ) ତାହା ସହଜରେ ଓ ଯଥାଶିଘ୍ର ଉପଲବ୍ଧ ମଧ୍ୟ ହୋଇପାରିଲା ଓ ତାହା ଉଚ୍ଚ ସ୍ତରର ଅତିଥିପରାୟଣତା ମଧ୍ୟ ଥିଲା । ଆଁ ହଜରତ ସ:ଆ:ସଙ୍କ ଆଦର୍ଶ ଏଥି ସମ୍ବନ୍ଧରେ ଆମ ସମ୍ମୁଖରେ ରହିଛି । ଯଦି ଖଜୁରୀ ଉପଲବ୍ଧ ତେବେ ତାହା ପେଶ୍ କରିଦିଅ । ଯଦି ମାଂସ ବା ଅନ୍ୟ କିଛି ଭଲ ଖାଦ୍ୟ ଅଛି, ତାହା ପେଶ୍ କରିଦେଲେ । ଯଦି ଛେଳି ଖିର ଅଛି, ତାହାକୁ ପେଶ୍ କରିଦେଲେ, ଯଦି ନିଜ ନିକଟରେ କିଛି ନାହିଁ, ତେବେ ସାହାବାଙ୍କୁ କହିଲେ ଯେ ଏହି ଅତିଥିଙ୍କୁ ନିଜ ଘରକୁ ନେଇଯାଅ ଏବଂ ତାଙ୍କର ଅତିଥିସତ୍କାର କର ।

ଆଁ ହଜରତ ସ:ଆ:ସ ଏବଂ ପରକାଳ ଉପରେ ବିଶ୍ଵାସ କରୁଥିବା ଲୋକମାନଙ୍କୁ ଯେଉଁ ତିନୋଟି କାର୍ଯ୍ୟ କରିବା ପାଇଁ କୁହାଯାଇଛି, ତାହାସବୁ ଏପରି କି ତାହା ଜଣେ ଅନ୍ୟଜଣଙ୍କ ଅଧିକାର ସହିତ ସମ୍ପର୍କ ରଖିଛି । ସମାଜକୁ ଶାନ୍ତିପୂର୍ଣ୍ଣ କରିବା ସହିତ ସମ୍ପର୍କ ରଖିଛି । ପ୍ରଥମ କଥା

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

‘‘ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।’’

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

*ତାଲିବେ ଦୁଆ: Siddique Ahmed & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

‘‘ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ’ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।’’

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family, Jamat Ahmadiyya, Pankal (Odisha)*

ହେଉଛି ଭଲ କଥା କୁହ ନଚେତ ଚୁପ୍ ରୁହ । ନିରର୍ଥକ କଥା କହି ଅଶାନ୍ତି ସୃଷ୍ଟି କରନାହିଁ । ଆପୋଷରେ ବିଦ୍ୱେଷଭାବ ସୃଷ୍ଟି କର ନାହିଁ ଜଣେ ମୋମିନ୍ ନିରର୍ଥକ ଓ ଅଭଦ୍ର କଥା କୁହେ ନାହିଁ । ଦ୍ୱିତୀୟ କାର୍ଯ୍ୟ ହେଉଛି ନିଜ ପଡ଼ୋଶୀଙ୍କର ସମ୍ମାନ କର କାରଣ ପଡ଼ୋଶୀର ବହୁତ ବଡ଼ ଅଧିକାର ରହିଛି ଯେ ତାଙ୍କର ସମ୍ମାନ କରାଯାଉ ଏବଂ ତାଙ୍କର ଧ୍ୟାନ ରଖାଯାଉ । ଏଠି ଏହି ଜଲ୍‌ସାରେ ଯେଉଁମାନେ ସାମିଲ ହେବେ, ଆସିବାକୁ ଥିବା ଅତିଥିମାନେ ମଧ୍ୟ, କର୍ମୀମାନେ ମଧ୍ୟ ଏବଂ ଅତିଥିମାନଙ୍କ ନିମନ୍ତେ ଯେଉଁ କର୍ମୀମାନେ କାର୍ଯ୍ୟ କରୁଛନ୍ତି, ସେମାନେ ମଧ୍ୟ ସମସ୍ତେ ଜଣେ ଅନ୍ୟଜଣଙ୍କର ପଡ଼ୋଶୀ । ତେଣୁ ଏହି ଦୃଷ୍ଟି କୋଣରୁ ଅତିଥିମାନଙ୍କୁ ମଧ୍ୟ କର୍ମୀମାନଙ୍କର ଆଦର ସତ୍କାର କରିବା ଉଚିତ । ଏବଂ କର୍ମୀମାନେ ମଧ୍ୟ ଅତିଥିମାନଙ୍କର ଆଦର ସତ୍କାର କରିବା ଉଚିତ । ପୁଣି ଆପୋଷରେ ଯେଉଁମାନେ ଜଣେ ଅନ୍ୟ ସହିତ ମିଶିଥାଏ, ସେମାନଙ୍କ ସହିତ ସସମ୍ମାନେ ମିଶିବା ଉଚିତ । ଏବଂ ତୃତୀୟ କଥା ବତାଇଛନ୍ତି କି ନିଜ ଅତିଥିମାନଙ୍କୁ ଆଦର ସମ୍ମାନ କର । *(ସହି ମୁସ୍‌ଲିମ୍, କିତାବୁଲ୍ ଇମାନ୍........ ହଦିସ ୪୭)*

ଏବେ ଏହା ବିଶେଷ ରୂପେ ଆତିଥ୍ୟତା କରୁଥିବା ଲୋକମାନଙ୍କ ଉଦ୍ଦିଷ୍ଟ । ଏକ ସୁନ୍ଦର ଓ ଶାନ୍ତିପୂର୍ଣ୍ଣ ସମାଜର ନିର୍ମାଣ ନିମନ୍ତେ ଏହା ଏକ ମୂଳଦୁଆ । ଅଲ୍ଲାଃଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ମଧ୍ୟରୁ ଏକ ନିର୍ଦ୍ଦେଶ ଏବଂ ଜଣେ ମୋମିନ୍ ର ଏହା ଏକ ଲକ୍ଷଣ । ଆଁ ହଜରତ ସ:ଆ:ସଙ୍କ ନିକଟକୁ ଯେବେ ଅଧିକା ଅତିଥି ଆସୁଥିଲେ, ଆପଣ ସ:ଆ:ସ ସାହାବାମାନଙ୍କ ମଧ୍ୟରେ ବାଂଟି ଦେଉଥିଲେ । ତା'ପରେ ଅତିଥିମାନଙ୍କୁ ଏକଥା ମଧ୍ୟ ପଚାରି ବୁଝୁଥିଲେ ଯେ ତୁମେ ଭାଇମାନେ ତୁମର ଆତିଥ୍ୟତା ଭଲଭାବେ କଲେ କି ନାହିଁ । ସାହାବାମାନେ ମଧ୍ୟ ଆଁ ହଜରତ ସ:ଆ:ସଙ୍କ ଦ୍ୱାରା ଅଭିପ୍ରେରିତ ଓ ଶିକ୍ଷିତ ଥିଲେ, ଆପଣ ସ:ଆ:ସଙ୍କ ଠାରୁ ବୈଭବ ହାସଲ କରୁଥିଲେ । ତେଣୁ ସେମାନେ ଏପରି ଆତିଥ୍ୟତା କରୁଥିଲେ ଯେ ଅତିଥିମାନେ ଏକଥା ପ୍ରକାଶ କରୁଥିଲେ କି ଆମକୁ ଆମର ଆତିଥ୍ୟତା କରୁଥିବା ଭାଇମାନେ ନିଜଠାରୁ ଅଧିକା ଭଲରେ ରଖିଲେ ଓ ନିଜ ଅପେକ୍ଷା ଭଲ ଖାଦ୍ୟ ଖୁଆଇଲେ ।

*(ମସ୍‌ନଦ୍ ଅହମଦ୍ ହମ୍ବଲ୍, ଖଣ୍ଡ-୫, ପୃ-୩୫୭, ହଦିସ୍ ୧୫୬୪୪..... ବେରୁତ ୧୯୯୮)*

ଏହା ଥିଲା ଆଁ ହଜରତ ସ:ଆ:ସଙ୍କ ସାହାବାମାନଙ୍କ ଅତିଥିପରାୟଣତାର ଶୈଳୀ । ସେମାନେ ମଧ୍ୟ ଦୀନ (ଅର୍ଥାତ୍ ଧର୍ମ)କୁ ବୁଝିବା ପାଇଁ ଏବଂ ଦୀନ୍ ର ଜ୍ଞାନ ହାସଲ କରିବା ପାଇଁ ଆସୁଥିଲେ ସେହିପରି ଏଠାକୁ ଯେଉଁ ଅତିଥି ଆସୁଛନ୍ତି, ଏମାନେ ମଧ୍ୟ ସେହି ଉଦ୍ଦେଶ୍ୟ ନେଇ ଆସୁଛନ୍ତି ଏବଂ ଆମେ ଏହି କାର୍ଯ୍ୟ ପାଇଁ ନିୟୋଜିତ ହୋଇଛେ କି ଯେଉଁମାନେ ହଜରତ ମସିହ ମଉଦ ଆ:ସଙ୍କ ଆହ୍ୱାନ କ୍ରମେ ବିଶେଷ ରୂପେ ଦୀନି ଜଲ୍‌ସାରେ ସାମିଲ୍ ହେବା ପାଇଁ ଆସୁଛନ୍ତି, ଆମେ ସେହି ଅତିଥିମାନଙ୍କର ବିଶେଷ ରୂପେ ଅତିଥିସତ୍କାର କରିବା

ଅଲ୍ଲାଃଙ୍କ କୃପାରୁ, ଆଜି ଯମାତ୍‌ର ସାଧନ ମଧ୍ୟ ପୂର୍ବାପେକ୍ଷା ଅଧିକ ସମ୍ପନ୍ନତା ଅଲ୍ଲାଃ ତାଲା ସୃଷ୍ଟି କରି ଦେଇଛନ୍ତି । ଯମାତି ନେଜାମ୍‌ର ଅନ୍ତର୍ଗତ ମଧ୍ୟ ଅତିଥିସତ୍କାର କରାଯାଇଛି ବରଂ କିଛି ଲୋକଙ୍କ ଘରେ ଯେଉଁ ଅତିଥିମାନେ ଅଛନ୍ତି, ସେହି ଅତିଥିମାନଙ୍କ ପାଇଁ ଘରର ଲୋକମାନଙ୍କୁ ମଧ୍ୟ ଏ ଅନୁମତି ଦିଆଯାଇଛି ଯେ, ଏପରି ବ୍ୟବସ୍ଥା କରାଯାଇଛି ଯେ ହଜରତ ମସିହ ମଉଦ ଆ:ସଙ୍କ ଦ୍ୱାରା ଜାରି କରାଯାଇଥିବା ଲଙ୍ଗରଖାନାରୁ ନିଜ ନିଜର ଅତିଥିମାନଙ୍କ ପାଇଁ ଖାଦ୍ୟ ନେଇପାରିବେ । ଅର୍ଥାତ୍ ଯଦି ନେବାକୁ ଚାହୁଁଛନ୍ତି ତେବେ ନେଇପାରିନ୍ତେ କିନ୍ତୁ ସାହାବାମାନଙ୍କ ଅବସ୍ଥାତ ଏପରି ନଥିଲା ଯେ ତାଙ୍କ ପାଇଁ କୌଣସି ମର୍କଜୀ ବ୍ୟବସ୍ଥା ମଧ୍ୟ ହୋଇଥାନ୍ତା । ସେମାନଙ୍କର ନିଜ ଅବସ୍ଥା ମଧ୍ୟ ପ୍ରାରମ୍ଭରେ ସ୍ୱଚ୍ଛଳ ନଥିଲା । ଅଧିକାଂଶଙ୍କର ନଥିଲା ବରଂ ଏପରି ଘଟଣା ମିଳୁଛି କି ସେମାନେ ତାଙ୍କ ପିଲାମାନଙ୍କୁ ଭୋକିଲା ସୁଆଇ ଦେଉଥିଲେ, ସ୍ୱାମୀ ସ୍ତ୍ରୀ ଦୁଇଜଣଯାକ ଭୋକିଲା ରହି ଅତିଥିମାନଙ୍କ ନିମନ୍ତେ, ଯାହା କିଛି ଅଳ୍ପ ବହୁତ ଥିଲା, ଖୁଆଇ ଦେଇଥିଲେ । ସେମାନଙ୍କର ଏହି କାର୍ଯ୍ୟକୁ ଅଲ୍ଲାଃ ତାଲା ମଧ୍ୟ ଖୁବ୍ ପ୍ରଶଂସା କଲା ଓ ତାଙ୍କର ଏହି କାର୍ଯ୍ୟରେ ଖୁସି ହେଲଶ ଏବଂ ଏପରି ଘଟଣା ମିଳୁଛି ଯେ ଆଁ ହଜରତ ସ:ଆ:ସଙ୍କୁ ଏହି ବିଶେଷ ଘଟଣା ସମ୍ବନ୍ଧରେ ଅଲ୍ଲାଃ ତାଲା ଜଣାଇ ଦେଇଛନ୍ତି ।

*(ସହ୍‌ହି ବୁଖାରୀ, କିତାବୁଲ୍ ମନାକିବ୍...... ହଦିସ୍ ୩୭୯୮)*

ସୁତରାଂ ସେହି ଲୋକମାନେ କୁର୍ବାନୀ କରି ଅତିଥିସତ୍କାର କରୁଥିଲେ. ତେଣୁ ସେମାନଙ୍କ ଆଦର୍ଶକୁ ଆପଣେଇବା ପାଇଁ ଆମକୁ ନିର୍ଦ୍ଦେଶ ଅଛି । ଆଜି ଅଲ୍ଲାଃ ତାଲାଙ୍କ କୃପା ବଳରୁ ହଜରତ ମସିହ ମଉଦ ଆ:ସଙ୍କ ଯମାତ୍‌ରେ ବହୁତ ଏପରି ଲୋକେ ଅଛନ୍ତି, ଯେଉଁମାନେ କୁର୍ବାନୀ (ଅର୍ଥାତ୍ ବଳିଦାନ) ଦେଇ ଅତିଥିସତ୍କାର କରୁଛନ୍ତି ଏବଂ ଏହି କାର୍ଯ୍ୟ ଆମକୁ କରିବାକୁ ହେବ । ଯମାତ୍‌ର ସୁବିଧା ଥିବା ସତ୍ତ୍ୱେ ମଧ୍ୟ କିଛି ଲୋକେ ନିଜେ ଅତିଥିସତ୍କାର କରିବାକୁ ଚାହୁଁଛନ୍ତି । ଯେଉଁ କାର୍କୁନମାନେ ଡ୍ୟୁଟି ଦେଉଛନ୍ତି, ସେମାନେ ଯେ କୌଣସି ସେବା କାର୍ଯ୍ୟ କରନ୍ତୁ ନା କାହିଁ, ସେମାନଙ୍କୁ ଆବଶ୍ୟକ ଯେ, ସେମାନଙ୍କ ମଧ୍ୟରୁ କିଛି ଲୋକେ ନୁହେଁ ବରଂ ପ୍ରତ୍ୟେକ ଶତ ପ୍ରତିଶତ କୁର୍ବାନୀ କରିବାର ଭାବନା ସହିତ ସୁଚରିତ୍ରର / ସୁବ୍ୟବହାର ପ୍ରଦର୍ଶନ କରି ଅତିଥିସତ୍କାର କରନ୍ତୁ । ଯେପରି ମୁଁ କହି ସାରିଛି ଯେ ଏବେ ଭୋକିଲା ରହିବାର ବଳିଦାନ ଆମଠାରୁ ମଗା ଯାଉନାହିଁ । ବର୍ତ୍ତମାନ ଯେଉଁ କୁର୍ବାନୀ ଆଶା କରାଯାଉଛି ଏବଂ କାର୍କୁନ (ଅର୍ଥାତ୍ ସ୍ୱେଚ୍ଛାସେବକ) ମାନେ ଯେଉଁ କୁର୍ବାନୀ କରୁଛନ୍ତି. ତାହା ହେଉଛି ସମୟର କୁର୍ବାନୀ । କିନ୍ତୁ ଏହା ସହିତ ଭାବନାର କୁର୍ବାନୀ ମଧ୍ୟ ମଗାଯାଇଛି । ବେଳେବେଳେ ଅତିଥିମାନେ ଅନୁଚିତ ବ୍ୟବହାର ପ୍ରଦର୍ଶନ କରିଦେଇଥାନ୍ତି, ତେଣ ଏପରି କ୍ଷେତ୍ରରେ ଆବେଗ୍ / ଭାବନାର କୁର୍ବାନୀ କରିବାକୁ ପଡ଼ିଥାଏ, ଧୈର୍ଯ୍ୟ ଧରିବାକୁ ପଡ଼ିଥାଏ ଏବଂ ଚୁପ ରହିବାକୁ ପଡ଼ିଥାଏ । ଏଥିପାଇଁ ଚୁପ ରହିବାକୁ ପଡ଼ିଥାଏ କି ଆମେ ଅତିଥିମାନଙ୍କ ଉପରେ ଏ ଭରଷା ରଖିଛେ ଯେ ଏମାନେ ପୂଣ୍ୟ ମନସ୍ଥ କରି ଧାର୍ମିକ ଏବଂ ଆଧ୍ୟାତ୍ମିକ ତୃଷ୍ଣା ନିବାରଣ ନିମନ୍ତେ ଏଠାକୁ ଆସିଛନ୍ତି । ବୋଧ ହୁଏ କୌଣସି ଭୁଲ ବୁଝାମଣା ଯୋଗୁଁ ସେମାନେ ଏପରି ବ୍ୟବହାର ଦେଖାଇଥିବେ । ତେଣୁ ଆମର ଭୁଲ ନଥିଲେ ମଧ୍ୟ ଆମେ କ୍ଷମାଜାଚନା କରି ସେମାନଙ୍କ କାର୍ଯ୍ୟ କରିଥାଉଁ । ଏହା ହେଉଛି ଉଚ୍ଚତମ ଚରିତ୍ର, ଯାହାକୁ ଆମେ ଏ ଯୁଗରେ ଅତିଥିମାନଙ୍କ ନିମନ୍ତେ ପ୍ରଦର୍ଶନ କରିବା ଉଚିତ ଏବଂ ହଜରତ ମସିହ ମଉଦ ଅଶ:ସ ଆମଠାରୁ ଏ ଯୁଗରେ ଆଶା କରିଛନ୍ତି ହଜରତ ମସିହ ମଉଦ ଆ:ସଙ୍କର ଏପରି ବହୁତ ଘଟଣା ରହିଛି, ଯେଉଁଥିରେ ଆପଣ ଆ:ସଙ୍କ ଅତିଥିସତ୍କାର ଉଚ୍ଚତମ ସ୍ତର ଦୃଷ୍ଟିଗୋଚର ହୋଇଥାଏ ।

ଏକଦା ଦୂରଦୂରାନ୍ତ ଇଲାକାରୁ ଆସିଥିବା ଅତିଥିମାନେ ଯେବେ ଲଙ୍ଗରଖାନାର କର୍ମୀମାନଙ୍କ ଦ୍ୱାରା ତାଙ୍କ ସାମନାକୁ ତଳକୁ ଓହ୍ଲେଇବା ପାଇଁ ମନା କରିଦେବାରୁ ନାରାଜ ହୋଇ ଫେରି ଯାଉଥିଲେ ଓ ହଜରତ ମସିହ ମଉଦ ଆ:ସଙ୍କୁ ଯେବେ ଏକଥା ମାଲୁ ହେଲା, ବର୍ଣ୍ଣନା ମିଳୁଛି ଯେ. ଆପଣ ଆ:ସ ଏପରି ଅବସ୍ଥାରେ, ଯେବେ କି ଯୋତା ପିନ୍ଧିବା ମଧ୍ୟ କଷ୍ଟକର ଥିଲା । ଯେପରି କୌଣସି ଏକ ଅତ୍ୟାବଶ୍ୟକ ଅବସ୍ଥା ସୃଷ୍ଟି ହୋଇଯାଇଛି. ଆପଣ ଆ:ସ ଶିଘ୍ର ଶିଘ୍ର ସେହି ଅତିଥିମାନଙ୍କ ପଛେ ପଛେ ପାଦରେ ଚାଲି ଚାଲି ଧାଇଁଲେ । ସେହି ଲୋକମାନେ ଘୋଡ଼ା ଗାଡ଼ିରେ ଯାଉଥିଲେ । ସେ ଯାହାହେଉ ସେମାନେ ଯେବେ ଦେଖିଲେ ଯେ ହଜରତ ମସିହ ମଉଦ ଆ:ସ ଆସୁଛନ୍ତି ବୋଲି ଘୋଡ଼ାଗାଡ଼ି ରୋକିଦେଲେ । ସେଠାରୁ ଫେରି ଲେଉଟି ଆସିଲେ ଏବଂ ହଜରତ ମସିହ ମଉଦ ଆ:ସଙ୍କୁ ଦେଖି ଘୋଡ଼ା ଗାଡ଼ିରୁ ଓହ୍ଲାଇପଡ଼ିଲେ । ହଜରତ ମସିହ ମଉଦ ଆ:ସ ସେମାନଙ୍କୁ କ୍ଷମା ମାଗିଲେ ଏବଂ ଲେଉଟି ଯିବାପାଇଁ ନିବେଦନ କଲେ । ସୁତରାଂ ସେମାନଙ୍କ ଘୋଡ଼ାଗାଡ଼ି ସେଠାରୁ ଫେରିଲା ଓ ସେମାନଙ୍କୁ କହିଲେ ଯେ ଆପଣ ମାନେ ଘୋଡ଼ାଗାଡ଼ିରେ ବସନ୍ତୁ ଓ ମୁଁ ଆପଣମାନଙ୍କ ସଙ୍ଗେ ପାଦରେ ଚାଲି ଚାଲି ଯାଉଛି । ସେ ଯାହା ହେଉ ଅତିଥିମାନେ ମଧ୍ୟ ଲଜ୍ଜିତ ହେଲେ ଓ ଘୋଡ଼ା ଗାଡ଼ିରେ ବସିଲେ ନାହିଁ ବରଂ ପାଦରେ ଚାଲି ଚାଲି ଆସିଲେ । ପରିଶେଷରେ ଯେବେ ସେମାନେ ଲଙ୍ଗରଖାନାରେ ପହଂଚିଲେ, ହଜରତ ମସିହ ମଉଦ ଆ:ସ ନିଜେ ସେମାନଙ୍କ ସାମାନ ଓହ୍ଲାଇବା ଆରମ୍ଭ କଲେ ଅର୍ଥାତ୍ ସାମାନ ଓହ୍ଲାଇବା ପାଇଁ ଉପରକୁ ହାତ ବଢ଼ାଇଲେ ଏହା ଦେଖି ପୂର୍ବରୁ ଲଜ୍ଜିତ ଅନୁଭବ କରି ଉପସ୍ଥିତ ଥିବା ଖୁଦାମ୍‌ମାନେ ଆଗକୁ ବଢ଼ି ସେହି ଅତିଥିମାନଙ୍କ ସାମାନ ଓହ୍ଲାଇଦେଲେ । ହଜରତ ମସିହ ମଉଦ ଆ:ସ ସେତେବେଳ ପର୍ଯ୍ୟନ୍ତ ସେଠାରେ ଉପସ୍ଥିତ ରହିଲେ, ଯେ ପର୍ଯ୍ୟନ୍ତ ସେମାନଙ୍କର ରହିବା ବ୍ୟବସ୍ଥା ଓ ଖାଇବାର ସାନ୍ତ୍ୱନାମୂଳକ ବ୍ୟବସ୍ଥା ନ ହାଇଗଲା ।

*(ସିରତୁଲ ମେହେଦୀ, ଖଣ୍ଡ-୨, ଭାଗ-୪, ପୃ-୫୬-୫୭ ରିୱାୟତ ନଂ- ୧୦୬୯)*

ଆପଣ ଆ:ସ ନିଜ କାର୍କୁନମାନଙ୍କୁ ଗୋଟିଏ ଅବସରରେ କହିଲେ ଯେ, ଦେଖନ୍ତୁ ବହୁତ ଅତିଥି ଆସିଛନ୍ତି କିଛି ଲୋକଙ୍କୁ ତୁମେମାନେ ଜାଣିଛ ଓ କେତେକଙ୍କୁ ଜାଣିନ ତେଣୁ ଏହା ଉଚିତ ହେବ ଯେ, ସମସ୍ତଙ୍କୁ ସମ୍ମାନୀୟ ବ୍ୟକ୍ତି ବୋଲି ଜାଣି ସେମାନଙ୍କର ଅତିଥି ସତ୍କାର କର ଏବଂ ସେବା କର । ପୁଣି କହିଲେ ତୁମ ଉପରେ ମୋର ଏ ସୁଧାରଣା ରହିଛି ଯେ. ତୁମେ ମାନେ ଅତିଥିମାନଙ୍କୁ ଆରମ ପହଂଚାଉଥିବ । *(ମଲଫୁଜାତ ଖଣ୍ଡ-୬, ପୃ-୨୨୬)* ସୁତରାଂ ଏହି ସୁଧାରଣା ଆମେ ଆଜି ମଧ୍ୟ କାୟମ୍ ରଖିବା ।

ଏହାପରେ ମୁଁ ଅତିଥିମାନଙ୍କୁ ମଧ୍ୟ କିଛି କହିବାକୁ ଚାହୁଁଛି । ଗୋଟିଏ କଥା ପ୍ରଥମେ ମୁଁ କହିସାରିଛି ଯେ, ଆମେ ଜଣେ ଅନ୍ୟ ଜଣକ ଭାବନାର ଧ୍ୟାନ ରଖିବା ହେଉଛି ଆମ ସମସ୍ତଙ୍କର କର୍ତ୍ତବ୍ୟ । ଅତିଥିମାନଙ୍କର ମଧ୍ୟ ଏବଂ ଆତିଥ୍ୟତା ପ୍ରଦାନ କରୁଥିବା ଲୋକମାନଙ୍କର ମଧ୍ୟ । ଯେଉଁଠି ଇସଲାମ ଆମକୁ ଅତିଥିମାନଙ୍କର ସମ୍ମାନ ଓ ଇଜ୍ଜତ କରିବାପାଇଁ ନିର୍ଦ୍ଦେଶ ଦେଇଛି ସେଠାରେ ତା ସହିତ ଅତିଥିମାନଙ୍କୁ ମଧ୍ୟ ଏ ନିର୍ଦ୍ଦେଶ ଦେଇଛି ଯେ. ତୁମେ ମାନେ ଆତିଥ୍ୟତା କରୁଥିବା ଲୋକଙ୍କ ଉପରେ ଅଧିକ ବୋଝ ହୁଅନାହିଁ । ଆଁ ହଜରତ ସ:ଆ:ସ କହିଲେ ଯେ, କାହା ପାଖରେ ଅଧିକା ଲମ୍ବା ସମୟ ପର୍ଯ୍ୟନ୍ତ ଅତିଥିଙ୍କର ରହିବା ସେହି ଘରର ଲୋକମାନଙ୍କ ଉପରେ ଏପରି ବୋଝ ହୋଇବା ସଦୃଶ ଅଟେ । ଯେପରି ତୁମେ ସଦ୍‌କା ନେଉଅଛ *(ସହି ବୁଖାରୀ କିତାବୁଲ ଅଦବ୍....... ହଦୀସ ନଂ- ୬୧୩୫)*

ପ୍ରତ୍ୟେକ ଲୋକଙ୍କର ଅବସ୍ଥା ଏପରି ନଥାଏ ଯେ, ସେ ମୂଳରୁ ଶେଷ ପର୍ଯ୍ୟନ୍ତ ସମାନ ଅତିଥି ସତ୍କାର କରିପାରିବ ସୁତରାଂ ଅତିଥିମାନଙ୍କୁ ମଧ୍ୟ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ତୁମେ ମଧ୍ୟ ସେହି ଘର ଲୋକଙ୍କ ଧ୍ୟାନ ରଖ । ଯଦି ଅଧିକ ଦିନ ରହଣୀ ଅଛି ତେବେ ପୁଣି ଏପରି ରୁହ ଯେପରି ସେହି ଘରର ଲୋକ ରହିଥାନ୍ତି ଏବଂ ସେହି ଘରର ଲୋକମାନଙ୍କର କାର୍ଯ୍ୟରେ ମଧ୍ୟ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଯଦି କୌଣସି ସାହାଯ୍ୟ କରିବାକୁ ଆବଶ୍ୟକ ପଡ଼େ ତେବେ ତାହା ମଧ୍ୟ କରିବା ଉଚିତ ହେବ, ଏହି ଦେଶ ଗୁଡ଼ିକରେ ତ ବିଶେଷ ରୂପେ କରିବାକୁ ହେବ । ସାଧାରଣତଃ ଲୋକମାନେ ଏପରି କରିଥାନ୍ତି ଏବଂ ଏହା ଗୋଟିଏ ସୁନ୍ଦର ସମାଜ ପାଇଁ ଜରୁରୀ ଅଟେ । ଯେଉଁଠି ଏ ଅନୁଭବ ସୃଷ୍ଟି ହୋଇଯାଏ ଯେ ଦ୍ୱିତୀୟ ବ୍ୟକ୍ତି ଜଣକ ଆମ ଉପରେ ଏକ ବୋଝ ସେଠାରେ ନିଷ୍ଠା ଓ ପ୍ରେମ ଭାବ କମ୍ ହୋଇଯାଏ ଯେତେବେଳେ ଏହା କମି ଯାଏ ସେତେବେଳେ ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହେ ନାହିଁ । ସୁତରାଂ ଅତିଥିମାନଙ୍କୁ ମଧ୍ୟ ମନେ ରଖିବା ଉଚିତ ଯେ, ଅତିଥିମାନଙ୍କର ମଧ୍ୟ ଏ କର୍ତବ୍ୟ ରହିଛି କି, ନିଜର ଯେଉଁ ଧାର୍ଯ୍ୟ କର୍ତବ୍ୟ ଅଛି ତାହାକୁ ପାଳନ କରନ୍ତୁ । ଯଦି ଅତିଥିମାନଙ୍କର ଏ ହକ୍ ଯେ, ତାଙ୍କର ଅତିଥି ପରାୟଣତା କରାଯାଉ ତେବେ ଆତିଥ୍ୟତା କରୁଥିବା ଲୋକର ମଧ୍ୟ ଏହା ହକ୍ ରହିଛି ଯେ, ଅତିଥି ମଧ୍ୟ ତାଙ୍କର ଅଧିକାରକୁ ପ୍ରଦାନ କରନ୍ତୁ ଓ ତା ଉପରେ ବୋଝ ହୋଇ ନ ରୁହନ୍ତୁ । ଅତିଥିଙ୍କ ଏହି ହକ୍ କୁ ଆଁ ହଜରତ ସ:ଆ:ସ କେବଳ ଅଳ୍ପ କିଛି ଦିନ ମଧ୍ୟରେ ସିମୀତ ରଖିଛନ୍ତି । ଏଠିକାର ଇନ୍ତେଜାମିଆ (ଅର୍ଥାତ ବ୍ୟବସ୍ଥାପିକା)ଙ୍କୁ ମୁଁ ଏକଥା ମଧ୍ୟ କହିଦେଉଛି ଯେ, ଆମର ଏହି ଜଲ୍ସାରେ ଯୋଗ ଦେଇଥିବା ଯେଉଁ ଅତିଥିମାନେ ଅଛନ୍ତି, ଯଦି ସେମାନେ ଏକ ମାସ ପର୍ଯ୍ୟନ୍ତ ରହୁଛନ୍ତି ତେବେ ମଧ୍ୟ ଆମେ ସେମାନଙ୍କର ଅତିଥି ସତ୍କାର କରିବାକୁ ହେବ । ଏଥିରୁ ଏ କଥା ନ ଭାବନ୍ତୁ ଯେ, ତିନି କିମ୍ବା ଚାରିଦିନ ପରେ ଆମେ ଅତିଥି ସତ୍କାରକୁ ଶେଷ କରିଦେବୁ । ହଜରତ ମସିହ ମଉଦ ଆ:ସ ନିଜ କାର୍ଯ୍ୟ ସନ୍ଦର୍ଭରେ ଲଙ୍ଗରଖାନାରେ ରହଣିକୁ ମଧ୍ୟ ନିଜର ଶାଖାମାନଙ୍କ ମଧ୍ୟରୁ ଗୋଟିଏ ଶାଖା ରୁପେ ଅଭିହିତ କରିଛନ୍ତି । *(ହକିକତୁଲ୍ ୱହି, ରୁହାନି ଖଜାଏନ୍ ଖଣ୍ଡ-୨୨, ପୃ-୨୨୧)*

ସେଥିଯୋଗୁଁ ହଜରତ ମସିହ ମଉଦ ଆ:ସଙ୍କ ଲଙ୍ଗରରେ ଆସି ରହୁଥିବା ଲୋକମାନଙ୍କ ସହିତ, ଯେବେ ମଧ୍ୟ ସେମାନେ ଆସନ୍ତୁ ଜଲ୍ସା ଦିନଗୁଡ଼ିକରେ ନୁହେଁ ସାଧାରଣ ଅବସ୍ଥାରେ ମଧ୍ୟ, ଉତମ ଚରିତ୍ରର ପରିପ୍ରକାଶ କରାଯିବା ଉଚିତ ।

ପୁଣି ଆଉ ଏକ ନିର୍ଦ୍ଦେଶ ସୁନ୍ଦର ସମାଜର, ଯାହା ଉପରେ ଅତିଥିମାନଙ୍କୁ ବିଶେଷ ରୂପେ ଏହି ଜଲ୍ସାର ପରିବେଶରେ ପରିଚାଳିତ ହେବା ଉଚିତ ତାହା ହେଉଛି ସଲାମ୍‌କୁ ସର୍ବସାଧାରଣ କରିବା । ଆଁ ହଜରତ ସ:ଆ:ସ ଜନ୍ନତ୍ କୁ ଯାଉଥିବା ଲୋକମାନଙ୍କର ଏକ ବିଶେଷ ଗୁଣ ଏହା ବି ବତାଇଛନ୍ତି ଯେ, ସେମାନେ ସଲାମ୍‌କୁ ପ୍ରଚାର ପ୍ରସାର କରୁଥିବେ ।

*(ସହି ମୁସଲିମ୍ କିତାବୁଲ ଇମାମ୍....... ହଦୀସ - ୫୪)*

ପୁଣି ଆପଣ ସ:ଆ:ସ କହିଛନ୍ତି ଯେ, ଯାହାକୁ ତୁମେ ଜାଣିଛନ୍ତି ବା ନ ଜାଣିଛ ସମସ୍ତଙ୍କୁ ସଲାମ୍ କର । *(ସହି ବୁଖାରୀ କିତାବୁଲ୍ ଇମାମ...... ହଦୀସ -୨୮)*

ହଜରତ ମସିହ ମଉଦ ଆ:ସ ମଧ୍ୟ ଜଲ୍ସାର ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଉଦ୍ଦେଶ୍ୟ ଏହା ବର୍ଣ୍ଣନା କରିଥିଲେ ଯେ, ଲୋକମାନେ ଏକାଠି ହେବେ ଓ ଏହି ପରି ଏକତ୍ରିତ ହେବା ଦ୍ୱାରା ପ୍ରେମ ବନ୍ଧନ ଓ ପରିଚୟର ବନ୍ଧନ ଆପୋଷରେ ବଢ଼ିବ । *(ଆସ୍‌ମାନି ଫଏସଲା ରୁହାନି ଖଜାଏନ୍, ଖଣ୍ଡ-୪, ପୃ-୩୫୨)*

ସୁତରାଂ ସଲାମ୍ ଏହି ପ୍ରେମ ଓ ପରିଚୟର ମାଧ୍ୟମକୁ ବଢ଼ାଇବାର ଏକ ଉତମ ଜରିଆ ଅଟେ । ଭାଇଚାରା ଏବଂ ପରିଚୟକୁ ବଢ଼ାଇବାର ଏହା ଏକ ଉତମ ମାଧ୍ୟମ ଅଟେ ଓ ଏହାର ଆଉ ଗୋଟିଏ ଲାଭ ହେଉଛି ଏହା କି, ଯେଉଁମାନଙ୍କ ଭିତରେ କୌଣସି ପ୍ରକାର ଆପୋଷ ମନମାଳିନ୍ୟତା ରହିଛି, ତାହା ମଧ୍ୟ ଦୁର ହେବ ।

ପୁଣି ଏଠାରେ ଯେଉଁ ଲୋକମାନେ ଆସି ଯୋଗ ଦେଇଛନ୍ତି ସେମାନେ କେବଳ ଅଲ୍ଲାଃଙ୍କ ପାଇଁ ଆସିଛନ୍ତି ଓ ଏହି ଭାବନାକୁ ସାଥିରେ ନେଇ ଆସିଛନ୍ତି । ସେମାନଙ୍କର ଆସିବାର ଏକ ଐଶ୍ୱରିକ ଉଦ୍ଦେଶ୍ୟ ଅଛି । ସେମାନେ ଧାର୍ମିକ, ଜ୍ଞାନମୁଳକ ଏବଂ ଆଧ୍ୟାତ୍ମିକ ତୃଷ୍ଣାକୁ ନିବାରଣ କରିବାପାଇଁ ଆସିଛନ୍ତି ବା ତାହାକୁ ହାସଲ କରିବା ପାଇଁ ଆସିଛନ୍ତି ଓ ଏହି ଉଦ୍ଦେଶ୍ୟ ରହିବା ଉଚିତ ଯେପରି କି ମୁଁ କହିସାରିଛି । ତେବେ ପୁଣି ଆପୋଷରେ ଥିବା ସମ୍ପର୍କକୁ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ଉତମ କରିବା ଉଚିତ ଏବଂ ମନମାଳିନ୍ୟତା ଓ ଘୃଣାଭାବକୁ ଦୁର କରିବାପାଇଁ ଭରପୁର ଚେଷ୍ଟା କରିବା ଉଚିତ । ପୁଣି ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ, ଏହି ଜଲ୍ସାରେ ଆସି ଉକ୍ତ ଉଦ୍ଦେଶ୍ୟକୁ ପୂରଣ କରିବାପାଇଁ ମଧ୍ୟ ଚେଷ୍ଟା କରାଯିବା ଉଚିତ ଯେ ''ସାଂସାରିକ ପ୍ରେମ ଶୀତଳ ହେଉ ଓ ନିଜ ମୌଲା କରିମ୍ ଏବଂ ରସୁଲ୍ଲେ ମକ୍‌ବୁଲ୍ ସ:ଆ:ସଙ୍କ ପ୍ରେମ ହୃଦୟରେ ବିରାଜିତ ହେଉ ।'' *(ଆସମାନି ଫଏସଲା ରୁହାନି ଖଜାଏନ୍ ଖଣ୍ଡ-୪, ପୃ-୩୫୧)*

ସୁତରାଂ ସେହି ପ୍ରେମକୁ ହାସଲ କରିବା ପାଇଁ ଜଲ୍ସାର ପ୍ରୋଗ୍ରାମ ଗୁଡ଼ିକରେ ବିଶେଷରୂପେ ସାମିଲ ହୁଅନ୍ତୁ ତାକୁ ଶୁଣନ୍ତୁ ଓ ଚିନ୍ତା କରନ୍ତୁ । ଜଲ୍ସା ଚାଲିଥିବା ସମୟରେ ମଧ୍ୟ ଯିବାଆସିବା କରିବାରେ ମଧ୍ୟ ଜିକ୍‌ରେ ଇଲାହି (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ) କରିଚାଲନ୍ତୁ । ଏବଂ ବାଜମାତ୍ ନମାଜ୍‌କୁ ବିଶେଷ ଚିନ୍ତା ଓ ବିଶେଷ ଧ୍ୟାନର ସହିତ ପାଠ କରନ୍ତୁ ଏବଂ ନୱାଫିଲ୍ ଓ ତହ୍‌ଜ୍ଜୁଦ୍ ପଢ଼ିବା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ । ବିଶେଷ ରୂପେ ଯେଉଁମାନଙ୍କର ଏଠାରେ ରହଣୀ ଅଛି ସେମାନେ ଏହି ପରିବେଶକୁ ପବିତ୍ର କରିବା ପାଇଁ ଚେଷ୍ଟା କରିଚାଲନ୍ତୁ । ନିଜର ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଚେଷ୍ଟା କରନ୍ତୁ ଏବଂ ଯେଉଁମାନେ ସକାଳୁ ନେଇ ସଂଧ୍ୟା ପର୍ଯ୍ୟନ୍ତ ଆସୁଛନ୍ତି, ତାଙ୍କର ମଧ୍ୟ ଏ ଦାୟିତ୍ୱ ରହିଛି ଯେ, ଉକ୍ତ ଉଦ୍ଦେଶ୍ୟକୁ ସେମାନେ ପୁରଣ କରନ୍ତୁ । ଅର୍ଥାତ୍ ଜଲ୍ସାର ଯେଉଁ ଉଦ୍ଦେଶ୍ୟ ରହିଛି ଏବଂ ତାହା ହେଉଛି ଏପରି କି, ଅଲ୍ଲାଃ ତାଲାଙ୍କ ସାନ୍ନିଧ ହାସଲ କରିବାପାଇଁ ଚେଷ୍ଟା କରାଯାଉ । ତାହାଙ୍କ ରସୁଲ ସ:ଆ:ସଙ୍କ ପ୍ରେମ ମନ ଭିତରେ ବଢ଼ା ଯାଉ ଏହା ଏକ ବହୁତ ବଡ଼ କାର୍ଯ୍ୟ ଅଟେ । ଯାହାକୁ ହଜରତ ମସିହ ମଉଦ ଆ:ସ ଆମକୁ ଅର୍ପଣ କରିଛନ୍ତି କି, ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲଙ୍କ ସହିତ ପ୍ରେମ ଆମ ହୃଦୟ ଉପରେ ବିଜୟ ଲାଭ କରୁ । ଯଦି ଜଲ୍ସାରେ ସାମିଲ ହେଉଥିବା ଲୋକେ ଉକ୍ତ ଉଦ୍ଦେଶ୍ୟକୁ ସମ୍ମୁଖରେ ରଖି ତାହାକୁ ହାସଲ କରିବା ପାଇଁ ସମ୍ପୁର୍ଣ୍ଣ ରୂପେ ଚେଷ୍ଟା କରିବେ ତେବେ ଜାଣନ୍ତୁ କି ଆପଣ ମାନେ ନିଜର ଉଦ୍ଦେଶ୍ୟକୁ ପାଇ ପାରିଛନ୍ତି । ଜଲ୍ସାରେ ଯୋଗ ଦେବାର ଉଦ୍ଦେଶ୍ୟ ପୂରଣ ହୋଇଗଲା । ସେହିପରି ରହିବାର ବ୍ୟବସ୍ଥା ଓ ଖାଦ୍ୟ ଖାଇବା ତ ଏକ ସାଧାରଣ କଥା ହୋଇଯାଇଛି । ଅସଲ ଉଦ୍ଦେଶ୍ୟ ଏହା ହେବ କି ଆମେ ଆମର ଆଧ୍ୟାତ୍ମିକ ଅବସ୍ଥାକୁ ଉତମରୁ ଉତମ କରିବାକୁ ହେବ, ତାକୁ ଉନ୍ନତ କରିବାକୁ ହେବ । ଯଦି ଏହା ହାସଲ ହୋଇଗଲା ତେବେ ଜଲ୍ସାରେ ଯୋଗ ଦେବାର ଉଦ୍ଦେଶ୍ୟକୁ ପାଇନେଲେ ।

ସେହିପରି ବ୍ୟବସ୍ଥାଗତ ଦୃଷ୍ଟିକୋଣରୁ ଅତିଥିମାନେ ଏକଥା ର ମଧ୍ୟ ଧ୍ୟାନ ରଖନ୍ତୁ ଯେ, ଅସ୍ଥାୟୀ ଓ ବ୍ୟାପକ ବ୍ୟବସ୍ଥା କରିବାରେ କିଛି ନା କିଛି ଦୋଷ ଦୁର୍ବଳତା ରହିଯାଇଥାଏ । ଯଦି ଏହିପରି ବ୍ୟବସ୍ଥା କେଉଁଠି ଦେଖନ୍ତି ତେବେ କେବଳ ଅଣ ଦେଖା କରିଦିଅନ୍ତୁ । କାର୍କୁନମାନଙ୍କୁ ତ ମୁଁ ଏକଥା କହିଛି ଯେ, ସେମାନେ କୌଣସି କଠୋରତାକୁ ଯଦି କାହା ତରଫରୁ ଏହା ପ୍ରଦର୍ଶିତ ହେଉଥିବ, ତେବେ ତାହାକୁ ବରଦାସ୍ତ କରନ୍ତୁ । କିନ୍ତୁ ଅତିଥିମାନଙ୍କର ମଧ୍ୟ ଏହା କର୍ତବ୍ୟ ଅଟେ ଓ ଯୋଗ ଦେଉଥିବା ଲୋକମାନଙ୍କର ମଧ୍ୟ ଏହା କାର୍ଯ୍ୟ ଅଟେ ଯେ, ଦୋଷ ଦୁର୍ବଳତାକୁ ଅଣଦେଖା କରନ୍ତୁ ଯଦି ଏପରି କୌଣସି ଦୋଷ ଦୁର୍ବଳତା ଦେଖୁଛନ୍ତି ତେବେ କର୍ମୀମାନଙ୍କୁ ସାହାଯ୍ୟ କରନ୍ତୁ ମୁଁ ଏକଥା ଦେଖିଛି କେତେକ ଅତିଥି, ଆବଶ୍ୟକ ପଡ଼ିଲେ ବହୁତ ଆଗ୍ରହର ସହିତ ନିଜେ କାମ କରିବା ଆରମ୍ଭ କରିଦେଇଥାନ୍ତି । ଉଦାହରଣ ସ୍ୱରୁପ ଗାଧୁଆ ଘରକୁ ସଫା ସୁତୁରା ରଖିବା । ଯଦି ଅଧିକା ଭିଡ଼ ଥିବ ଓ ଡ୍ୟୁଟିରେ ନିୟୋଜିତ ହୋଇଥିବା କର୍ମୀମାନେ ସମ୍ପୁର୍ଣ୍ଣରୂପେ ସଫାଇ କାର୍ଯ୍ୟକୁ ସମ୍ପାଦନ ନ କରିପାରିଥିବେ ତେବେ କେତେକ ଅତିଥି ନିଜେ ସେହି ଡ୍ୟୁଟି ଦେଉଥିବା ଲୋକମାନଙ୍କ ସହିତ ଏ କାର୍ଯ୍ୟକୁ ସମ୍ପାଦନ କରିବାକୁ ଲାଗିପଡ଼ନ୍ତି ଏବଂ ଏହି ଭାବନା ଜଣେ ଅହେମଦୀଙ୍କ ଭିତରେ ରହିବା ଉଚିତ ଓ ଏହା ହିଁ ସେହି ବାସ୍ତବିକ ଆତ୍ମା ଯାହା ଆପୋଷରେ ଥିବା ନିଷ୍ଠା ଭାବକୁ ଓ ସମାଜକୁ ଗଠନ କରିଥାଏ । ଅତିଥିମାନେ କେବଳ କାର୍କୁନ ମାନଙ୍କୁ ପରୀକ୍ଷା କରିବାରେ ନିଜର ସମୟକୁ ନଷ୍ଟ ନ କରନ୍ତୁ । ବରଂ ଯଦି ଆବଶ୍ୟକ ପଡ଼େ ତେବେ ପ୍ରତ୍ୟେକ ବିଭାଗରେ ଯାଇ ସାହାଯ୍ୟ କରନ୍ତୁ । ଯେପରି କି ମୁଁ କହିଲି ।

ସେହି ପରି ପାର୍କିଙ୍ଗ ଇତ୍ୟାଦି କାର୍ଯ୍ୟରେ ମଧ୍ୟ ବେଳେବେଳେ ଭିଡ଼ ହୋଇଯାଉଥିବା ଯୋଗୁଁ ହଙ୍ଗାମି ଅବସ୍ଥା ସୃଷ୍ଟି ହୋଇଯାଇଥାଏ । ଏପରି ଅବସ୍ଥରେ କାର୍‌ରେ ଆସୁଥିବା ଲୋକେ ଧୈର୍ଯ୍ୟ ଓ ସହନଶୀଳତା ପଦର୍ଶନ କରି ବ୍ୟବସ୍ଥାର ସମ୍ପୂର୍ଣ୍ଣ ସହଯୋଗ କରନ୍ତୁ । ବେଳେବେଳେ ମହିଳା ଓ ପୁରୁଷ ଦୁଇ ତରଫରୁ କିଛିଟା ଅଭିଯୋଗ ଆସିଥାଏ କାରଣ ଆସିଥିବା ମହିଳା ଓ ପୁରୁଷମାନେ ସମ୍ପୁର୍ଣ୍ଣରୁପେ ସହଯୋଗ କରିନଥାନ୍ତି । ସେହିପରି ପ୍ରବେଶ ପଥ ଉପରେ ଯେଉଁଠି ସ୍କାନିଙ୍ଗ ଇତ୍ୟାଦିର ବ୍ୟବସ୍ଥା ରହିଛି ସେଠାରେ ସାଧାରଣତଃ ଲାଇନ୍ ଲାଗିଥାଏ । ବହୁତ ଧୈର୍ଯ୍ୟ ଓ ବରଦାସ୍ତର ପଦର୍ଶନ କରାଯାଇଥାଏ । କିନ୍ତୁ ବେଳେବେଳେ କୌଣସି ଜଣେ ଅଧେଙ୍କ ଯୋଗୁଁ ପରିବେଶ ଖରାପ ମଧ୍ୟ ହୋଇଯାଏ । ସେଠାରେ ପ୍ରତ୍ୟେକଙ୍କୁ ସମ୍ପୁର୍ଣ୍ଣରୂପେ ଧୈର୍ଯ୍ୟ ପଦର୍ଶନ କରିବା ଉଚିତ । ଯଦି କିଛି ଅଧିକା ସମୟ ଲାଗୁଛି ତେବେ କୌଣସି ଅସୁବିଧା ନାହିଁ ସେହି ଲାଇନ ଲଗାଇବା ଦ୍ୱାରା ଉତମ ରୂପେ ନିକାଶ ହୋଇପାରିବ ।

ପୁଣି ଜଲ୍ସା ଗାଃରେ ବସିଥିବା ଲୋକମାନେ ଜଲ୍ସା ଚାଲିଥିବା ସମୟରେ ନିଜର ଡ଼ାହାଣ ଓ ବାମ ପାର୍ଶ୍ୱକୁ ଦୃଷ୍ଟି ଦିଅନ୍ତୁ । ମୁଁ ଏକଥା ସର୍ବଦା କହୁ ଅଛି । ସେହିପରି ଯିବା ଆସିବା କରିବା ସମୟରେ ମଧ୍ୟ ନିଜ ପରିବେଶକୁ ଦୃଷ୍ଟି ଆଗରେ ରଖନ୍ତୁ । ସିକ୍ୟୁରିଟି ବ୍ୟବସ୍ଥା ସମ୍ବନ୍ଧରେ ବ୍ୟବସ୍ଥାପିକା ଯାହା କିଛି ମଧ୍ୟ ହିଦାୟତ ଦିଅନ୍ତି ତା ଉପରେ ପରିଚାଳିତ ହେବା ପାଇଁ ସମ୍ପୁର୍ଣ୍ଣରୂପେ ଚେଷ୍ଟା କରନ୍ତୁ । ସବୁଠାରୁ ବଡ଼ କଥା ହେଉଛି ଏହା କି, ଜଲ୍ସାର ସଫଳତା ଓ ଜଲ୍ସାକୁ ଆସିବାର ଉଦ୍ଦେଶ୍ୟକୁ ପୂରଣ କରିବା ଏବଂ ପ୍ରତ୍ୟେକ ଦୁଷ୍ଟବ୍ୟକ୍ତିଙ୍କ ଦୁଷ୍ଟାମିରୁ ବଂଚିବା ପାଇଁ ଅହରହ ଦୁଆ କରିଚାଲନ୍ତୁ । ଯମାତ୍‌ର ଉନ୍ନତି ଈର୍ଶାଳୁମାନଙ୍କୁ ଈର୍ଶାରେ ବଢ଼ାଇଚାଲେ ସେଥିପାଇଁ ଧ୍ୟାନର ସହିତ ପ୍ରାର୍ଥନା କରିବା ପାଇଁ ମଧ୍ୟ ବହୁତ ଆବଶ୍ୟକତା ରହିଛି । ଏହି ଦିନଗୁଡ଼ିକରେ ପାକିସ୍ତାନରେ ମଧ୍ୟ ଅହେମଦୀମାନଙ୍କର ଅବସ୍ଥା ଯୋଗୁଁ ଦୁଆ କରନ୍ତୁ । ସେଠାରେ ମଧ୍ୟ ଏପରି ଲାଗୁଛି ଯେ, ପରିସ୍ଥିତି ପୁନର୍ବାର ମୁଖାଲିଫତ୍ ଆଡ଼କୁ ଗତି କରୁଛି । ଅଲ୍ଲାଃ ତାଲା ସେମାନଙ୍କୁ ମଧ୍ୟ ଶାନ୍ତିପୂର୍ଣ୍ଣ ଜିବନ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ତାଙ୍କୁ ପ୍ରତ୍ୟେକ ବିପଦରୁ ସୁରକ୍ଷିତ ରଖନ୍ତୁ । ମୁଖାଲିମାନଙ୍କ ନୁତନ କିମ୍ବା ପୂରୁଣା ଯୋଜନାକୁ ଅକାମି ଓ ଅସଫଳ କରିଦିଅନ୍ତୁ ।

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

ଏହା ବ୍ୟତିତ ମଧ୍ୟ ଜଲ୍‌ସାରେ ସାମିଲ ହୋଇଥିବା ଲୋକମାନଙ୍କୁ ଏକଥା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଇବି ଯେ, ଏ ବର୍ଷ ମଧ୍ୟ ଆମର ଯେଉଁ ବିଭିନ୍ନ କେନ୍ଦ୍ରିୟ ବିଭାଗ ଗୁଡ଼ିକ ରହିଛି ଅର୍ଥାତ୍ ଆର୍କାଇବ୍ ବିଭାଗ ବା ରିଭ୍ୟୁ ଅଫ୍ ରିଲିଜିଅନ୍‌ସ ବା ମଖଜନେ ତସାୱିର ବା ଅନ୍ୟ ବିଭାଗଗୁଡ଼ିକ ଅଛନ୍ତି, ସେମାନେ ନିଜର ପଦର୍ଶନି ବ୍ୟବସ୍ଥା କରିଛନ୍ତି ଏବଂ ବହୁତ ଜ୍ଞାନବର୍ଦ୍ଧକ ଏବଂ ଜ୍ଞାନ ପଦର୍ଶନି ହୋଇଥାଏ, ଯାହାକୁ ଖାଲି ସମୟରେ ଦେଖିବା ପାଇଁ ଚେଷ୍ଟା କରନ୍ତୁ ।

ଏତଦ୍ ବ୍ୟତିତ ଏମ୍.ଟି.ଏ ତରଫରୁ ଗୋଟିଏ ଘୋଷଣା ଅଛି । ଏମ୍.ଟି.ଏ ଇଂଟରନ୍ୟାସନାଲ୍ ତରଫରୁ ଆଜି ଗୋଟିଏ ନୂଆ ଆପ୍ ଲଂଚ ହେବ ଏବଂ ଏହା ସ୍ମାର୍ଟ ଟିଭି ଆପ ଅଟେ । କୌଣସି ଦେଶରେ ମଧ୍ୟ ଏବେ ଏହି ଆପ୍‌କୁ ଡ଼ାଉନ୍‌ଲୋଡ଼ କରି ଏଲ୍‌ଜି, ଫିଲିପ୍‌ସ, ଆମାଜନ୍ ଫାୟାର ଟିଭି, ସୋନି ଏବଂ ଆଣ୍ଡ୍ରଏଡ଼୍‌ର ଟିଭି ସିଷ୍ଟମ୍‌ରେ ଡ଼ିସ୍ ଆଂଟିନା ବିନା ଏମ୍.ଟି.ଏ ର ସମସ୍ତ ଚ୍ୟାନେଲ୍ ଅର୍ଥାତ୍ ଏମ୍.ଟି.ଏ ୱାନ୍, ଏମ୍.ଟି.ଏ ଟୁ, ଏମ୍.ଟି.ଏ ଥ୍ରୀ ଏବଂ ଏମ୍.ଟି.ଏ ଅଲ୍ ଆରବିୟା ଓ ଏମ୍.ଟି.ଏ ଆଫ୍ରିକା ଦେଖାଯାଇପାରିବ ଏତଦ୍ ବ୍ୟତିତ ଅଲ୍ଲାଃ ତାଲାଙ୍କ ଦୟା ବଳରୁ ଆମେରିକାରେ ଏମ୍.ଟି.ଏ ପ୍ରଥମରୁ ହିଁ ସାମସ୍‌ଙ୍ଗ ପ୍ଲାଟଫର୍ମରେ ମହଜୁଦ ହୋଇ ରହିଛି । ଏହା ଏକ ଘୋଷଣା ଥିଲା । ଅଲ୍ଲାଃଙ୍କ କୃପା ବଳରୁ ଯେଉଁମାନେ ବାହାରେ ରହୁଛନ୍ତି ଏହି ଆପ୍‌ସ ରୁ ଲାଭ ଉଠାଇ ପାରିବେ । ଏବେ ଜୁମା ପରେ ମୁଁ ଏହାର ଲଂଚ ମଧ୍ୟ କରିବି ।

ଅଲ୍ଲାଃ ତାଲା ଏହି ଜଲ୍‌ସାକୁ ପ୍ରତି କ୍ଷେତ୍ରରୁ ବାବର୍‌କତ୍ କରନ୍ତୁ ଏବଂ ଆପଣ ସମସ୍ତଙ୍କୁ ଏଥିରୁ ସମ୍ପୂର୍ଣ୍ଣରୂପେ ଲାଭ ଉଠାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ.....*

ସେହିପରି ଲୋକସେବା ମୂଳକ କାର୍ଯ୍ୟ ମଧ୍ୟ କରୁଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ AMSA ର ସଦରମାନଙ୍କୁ ଏକଥା ମଧ୍ୟ କୁହନ୍ତୁ କି ସେମାନେ ଛାତ୍ରୀମାନଙ୍କର ଧ୍ୟାନ ଆକର୍ଷଣ କରାଇ ଚାଲନ୍ତୁ ଯେ ସେମାନେ ଇସ୍‌ଲାମୀୟ ଶିକ୍ଷା ଗୁଡିକର ସମ୍ପୂର୍ଣ୍ଣ ରୂପେ ଅନୁସରଣ କରନ୍ତୁ ।

ଏହାପରେ ସେକ୍ରେଟାରୀ ମାଲ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ଆମର ମୋଟ ବଜେଟ୍ ତିନି ଲକ୍ଷ ବୟାଅଶୀ ହଜାର ଡଲାର ଥିଲା ଏବଂ ଅଲ୍‌ହମ୍‌ଦୋଲିଲ୍ଲାଃ ଆମେ ଚାରିଲକ୍ଷ ସତେଇଶି ହଜାରରୁ ଅଧିକା ଅସୁଲ୍ କରିଛୁ ଯାହା ନିର୍ଦ୍ଧାରିତ ବଜେଟ୍ ଠାରୁ ତେର ପ୍ରତିଶତ ଅଧିକା ଅଟେ । ହଜୁର୍ ଅନୁୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ମାଲ୍ ବତାଇଲେ ଯେ ଆମ ରୋଜଗାର କରୁଥିବା ଲଜ୍‌ନା ସଦସ୍ୟମାନଙ୍କର ସଂଖ୍ୟା ହେଉଛି ୧ ହଜାରରୁ ଅଧିକା ଏବଂ ତାଙ୍କର ମୋଟ ଚାନ୍ଦା ହେଉଛି ୨ଲକ୍ଷ ୪୨ହଜାର ରୁ ଅଧିକା । ସଦର୍ ଲଜ୍‌ନା କହିଲେ ଯେ ମୋ ଖିଆଲ୍‌ରେ ଏହି ସଂଖ୍ୟା କମ୍ ଅଟେ, ମୋଟ ସଂଖ୍ୟା ଏହାଠାରୁ ଅଧିକା ଥିବ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯଦି ସ୍ଥାନୀୟ ମଜ୍‌ଲିସ୍ ଗୁଡିକର ସେକ୍ରେଟାରୀ ମାଲ୍‌ମାନେ କର୍ମଠ ହେବେ ତେବେ ଆପଣ ଏ ସଂକ୍ରାନ୍ତରେ ଉନ୍ନତି ଆଣିପାରିବେ ।

ସେକ୍ରେଟାରୀ ମାଲ୍ ବତାଇଲେ ଯେ ଇଜ୍‌ତେମା ଚାନ୍ଦା ମୋଟ ଉସୁଲି ୭୪ ହଜାର ଡଲାର୍‌ରୁ ଅଧିକା ଯେବେ କି ଇଜ୍‌ତେମା ଗୁଡିକରେ ମୋଟ ଖର୍ଚ୍ଚ ହେଉଛି ୫୯ ହଜାର ଡଲାରରୁ ଅଧିକା । ରିଜିଓନାଲ୍ ଇଜ୍‌ତେମା ଗୁଡିକରେ ଆମେ କେବଳ ଆତିଥ୍ୟତାର ଖର୍ଚ୍ଚ ଦେଉଅଛୁ । ବାକି ସବୁ ରିଜିଅନ୍ ନିଜେ ବହନ କରିଥାଏ । ହଜୁର୍ ଅନୁୱର୍ ଅ:ବ:ଅଙ୍କ ପଚାରିବାରେ ସଦର୍ ଲଜ୍‌ନା ବତାଇଲେ ଯେ ଆମ ଦେଶରେ ମୋଟ ୪ଟି ଇଜ୍‌ତିମା ଅନୁଷ୍ଠିତ କରାଯାଇଥାଏ । ଚଳିତ ବର୍ଷ ଏହି ଚାରିଗୋଟି ଇଜ୍‌ତିମାର ଉପସ୍ଥାନ ୨୩୩୭ ଥିଲା ।

ସଦର୍ ଲଜ୍‌ନା କହିଲେ ଯେ ତାଙ୍କୁ ଇଜ୍‌ତେମା ଗୁଡିକରେ ଅଧିକ ଖର୍ଚ୍ଚ କରିବା ଉଚିତ୍ ହେବ କି ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଆପଣଙ୍କୁ ଉପସ୍ଥାନରେ ବୃଦ୍ଧି ଘଟାଇବାକୁ ପଡିବ ଓ ତତ୍‌ସହିତ ଯାଇ ଇଜ୍‌ତେମାରେ ଅଧିକ ଖର୍ଚ୍ଚ କରିବା ଉଚିତ୍ । କିନ୍ତୁ ନିରର୍ଥକ ଖର୍ଚ୍ଚ ହେବା ଉଚିତ୍ ନୁହେଁ ବରଂ ସତର୍କତାର ସହିତ ଖର୍ଚ୍ଚ କରନ୍ତୁ ଓ ଉପସ୍ଥାନରେ ବୃଦ୍ଧି ଘଟାନ୍ତୁ ।

ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ଗତବର୍ଷ ଆମେ ୫ଲକ୍ଷ ୬୯ ହଜାର ଡଲାରରୁ ଅଧିକା ଅସୁଲ୍ କରିଥିଲୁ ଯେଉଁଥିରେ ବିଗତ ବର୍ଷ ସହିତ ତା ପଛବର୍ଷଠାରୁ ୨୦ ହଜାର ଅଧିକା ଥିଲା । ଆମର କୌଣସି ବଜେଟ୍ ବା ଟାର୍ଗେଟ୍ ନିର୍ଦ୍ଧାରିତ ହୋଇନଥିଲା କିନ୍ତୁ ଆମେ ଚେଷ୍ଟା କରିଥିଲୁ ଯେ ଶତ ପ୍ରତିଶତ ଲଜ୍‌ନା ତେହ୍‌ରିକ୍ ଯଦିଦ୍‌ରେ ସାମିଲ୍ ହୁଅନ୍ତୁ । ଏଥିରେ ୭ ହଜାରରୁ ଅଧିକା ସାମିଲ୍ ହୋଇଥିଲେ । ସେମାନଙ୍କ ମଧ୍ୟରେ ଲଜ୍‌ନା, ନାସିରାତ୍ ଓ ସାତ ବର୍ଷରୁ ଛୋଟ ବୟସର ପିଲାମାନେ ମଧ୍ୟ ସାମିଲ୍ ଅଛନ୍ତି । ସେକ୍ରେଟାରୀ ତେହ୍‌ରିକ୍ ଯଦିଦ୍ ବତାଇଲେ ଯେ ଆମେ ଗୋଟିଏ ଯାଗା ମଧ୍ୟ ଖରିଦ୍ କରିଛୁ । ତା ମଧ୍ୟରେ ଗୋଟିଏ ନିର୍ମାଣ ହୋଇଥିବା ଘର ମଧ୍ୟ ରହିଛି । ସେଠାରେ ଲଜ୍‌ନା ହଲ୍ ନିର୍ମାଣ କରିବାର ଯୋଜନା ଅଛି, ଯେଉଁଥିରେ ୫୦୦ ଲଜ୍‌ନା ରହିପାରିବେ । ତା ସହିତ କାର୍ଯ୍ୟାଳୟ ଓ ଆଉକିଛି କୋଠରୀ ଇତ୍ୟାଦି ନିର୍ମାଣ କରିବାର ମଧ୍ୟ ପ୍ରୋଗ୍ରାମ୍ ଅଛି । ବର୍ତମାନ ଆମେ ନିର୍ମାଣ କାର୍ଯ୍ୟର ପ୍ଲାନିଂ ଓ ଅନୁମତି ନେବା ଇତ୍ୟାଦି କାର୍ଯ୍ୟ ଆରମ୍ଭ କରିଦେଇଛୁ ।

ସେକ୍ରେଟାରୀ ୱକ୍‌ଫେ ଯଦିଦ୍ ବତାଇଲେ ଯେ ତାଙ୍କୁ ୱକ୍‌ଫେ ଯଦିଦ୍‌ର କାର୍ଯ୍ୟ ବ୍ୟତୀତ ମାଉନା ସଦର୍ ବରାଏ ପବ୍ଲିକ୍ ଆଫାୟାର୍‌ସ୍ କାର୍ଯ୍ୟ ମଧ୍ୟ ଦିଆଯାଇଛି । ସେକ୍ରେଟାରୀ ୱକ୍‌ଫେ ଯଦିଦ୍ ବତାଇଲେ ଯେ ୱକ୍‌ଫେ ଯଦିଦ୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କ ମୋଟ ସଂଖ୍ୟା– ୭୩୦୦ ରୁ ଅଧିକ ଥିଲା । ସେଥିରେ ନାସେରାତ୍ ଏବଂ ୭ ବର୍ଷରୁ କମ୍ ବୟସର ଝିଅପିଲାମାନେ ମଧ୍ୟ ସାମିଲ୍ ଅଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ ୨୦୧୨ ମସିହାରେ ଆମକୁ ଏ ନିର୍ଦ୍ଦେଶ ଦେଇଥିଲେ ଯେ ଲଜ୍‌ନାଙ୍କ ଟାର୍ଗେଟ୍ ମଧ୍ୟରେ ୨୦ ପ୍ରତିଶତ ନାସେରାତ୍‌ଙ୍କ ଟାର୍ଗେଟ୍ ରହିବା ଉଚିତ୍ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଚାନ୍ଦାର ଅର୍ଥ ପରିବର୍ତେ ମୋତେ ସେଥିରେ ସାମିଲ୍ ହେଉଥିବା ଲୋକମାନଙ୍କ ସଂଖ୍ୟାକୁ ଅଧିକା କରିବା ସମ୍ବନ୍ଧୀୟ ଚିନ୍ତା ରହିଥାଏ । ତେଣୁ ଚେଷ୍ଟା କରନ୍ତୁ କି ଯେ ସମସ୍ତ ନାସେରାତ୍ ଏଥିରେ ସାମିଲ୍ ହୁଅନ୍ତୁ । ସେକ୍ରେଟାରୀ ୱକ୍‌ଫେ ଯଦିଦ୍ ବତାଇଲେ ଯେ ୨୦୧୭ ମସିହାରେ ହଜୁର୍ ଅନୁୱର୍ ୱକ୍‌ଫେ ଯଦିଦ୍ ପ୍ରସଙ୍ଗରେ କହିଥିଲେ ଯେ ଚାନ୍ଦାରେ କୌଣସି କମ୍ ହୋଇନାହିଁ କିନ୍ତୁ ରିପୋର୍ଟିଂ ସିଷ୍ଟମ୍ ଠିକ୍ ନାହିଁ । ତେଣୁ ସମ୍ପୂର୍ଣ୍ଣ ରିପୋର୍ଟ୍ ଆସୁନାହିଁ । ସେଥିପାଇଁ ଆମେ ଏ ବର୍ଷ ନିଜର ରିପୋର୍ଟିଂ ସିଷ୍ଟମ୍‌କୁ ପରିବର୍ତନ କରିଦେଇଛୁ । ସେଥିଯୋଗୁ ଅଲ୍‌ହମ୍‌ଦୋଲିଲାଃ ଯୋଗ ଦେଇଥିବା ସଂଖ୍ୟାରେ ବହୁତ କିଛି ବୃଦ୍ଧି ଘଟିଛି ।

ମାଉନା ସଦର୍ ବରାଏ ପବ୍ଲିକ୍ ଆଫାୟାର୍ ରିପୋର୍ଟ୍ ଦେଇ ବତାଇଲେ ଯେ ୨୦୧୭ ମସିହାରେ ଆମେ ସ୍ଥାନୀୟ ମଜ୍‌ଲିସ୍ ଗୁଡିକରେ ୧୧୭ଟି ପ୍ରୋଗ୍ରାମ୍ ଅନୁଷ୍ଠିତ କରିଥିଲୁ । ଏତଦ୍‌ବ୍ୟତୀତ ବର୍ତମାନ ୨୧ଟି ମହିଳା ସିନେଟର୍ ରହିଛି ଓ ଆମେ ସମସ୍ତ ମହିଳା ସିନେଟର୍‌ରେ ଯାଇ ସାକ୍ଷାତ୍ କରିଛୁ । ଏହା ଏକ ନୂଆ ବିଭାଗ । ତେଣୁ ଏଥିରେ ଆମେ ଏବେ ଆହୁରି ଅଧିକା କାମ କରୁଅଛୁ । ପ୍ରତ୍ୟେକ ବର୍ଷ ୯/୧୧ କ୍ୟାମ୍ପେନିଂ ମଧ୍ୟ କରୁଛୁ ଯେଉଁଥିରେ ଯେଉଁସବୁ ମହିଳା ମେୟର୍, ମହିଳା ସିନେଟର୍ ବା ଅନ୍ୟାନ୍ୟ ମହିଳାମାନେ ଯେଉଁମାନେ ଉଚ୍ଚ ପଦବୀରେ ଅଛନ୍ତି, ସେମାନଙ୍କ ସହିତ ମିଟିଂ କରାଯାଉଛି । ଉକ୍ତ ମିଟିଂରେ ଆମେ ଜମାତ୍ ଅହେମଦୀୟା ଏବଂ ଲଜ୍‌ନା ଇମାଇଲ୍ଲାଃ ସଂଗଠନ ବିଷୟରେ ପରିଚୟ ପ୍ରଦାନ କରିଛୁ । ଏହାର ବହୁତ ଭଲ ଫିଡ୍‌ବ୍ୟାକ୍ ମିଳୁଛି ।

ମାଉନା ସଦର୍ କହିଲେ ଯେ ଆମେ ନ୍ୟାସ୍‌ନାଲ୍ ଡେ ଅନ୍ ହିଲ୍ ଅନୁଷ୍ଠିତ କରିଥାଉ । କଣ ଏଥିରେ ସମସ୍ତ ମଜ୍‌ଲିସ୍ ଗୁଡିକରୁ ପ୍ରତିନିଧିତ୍ୱ କରିବା ଜରୁରୀ ଅଟେ କି ? ଆମର ୭୪ଟି ମଜ୍‌ଲିସ୍ ଅଛନ୍ତି ଓ ଏ ଅବସରରେ ଉଣାଅଧିକେ ୪୫ ସଂଖ୍ୟା ହୋଇଥାଏ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ସବୁ ମଜ୍‌ଲିସ୍ ଗୁଡିକର ପ୍ରତିନିଧିତ୍ୱ ଜରୁରୀ ନୁହେଁ କିନ୍ତୁ କିଛି ନା କିଛି ପ୍ରତିନିଧିତ୍ୱ ହେବା ଉଚିତ୍ । ପ୍ରତ୍ୟେକ ବର୍ଷ ଏଥିରେ ନୁଆ ନୁଆ ମଜ୍‌ଲିସ୍ ଓ ନୁଆ ନୁଆ ସଦସ୍ୟମାନଙ୍କୁ ସାମିଲ୍ କରନ୍ତୁ । ଏଥିରୁ ସେମାନଙ୍କୁ ଏକଥା ମଧ୍ୟ ଜଣାପଡିବ ଯେ ଆପଣମାନେ ସେଠାରେ କଣ କରୁଛନ୍ତି ଓ ଏହା ଦ୍ୱାରା ସେମାନଙ୍କୁ ସ୍ଥାନୀୟ ସ୍ତରରେ ଯୋଗାଯୋଗ କରିବା ପାଇଁ ମଧ୍ୟ ଲାଭ ମିଳିବ ।

ଏହାପରେ ରିଜିଅନାଲ୍ ସଦର୍ ଲଜ୍‌ନା ଇମାଇଲ୍ଲାଃ ଜଣ ଜଣ ହୋଇ ନିଜ ନିଜର ରିଜିଅନ୍‌ର ପରିଚୟ ପ୍ରଦାନ କଲେ ଏବଂ ହଜୁର୍ ଅନୁୱର୍ ଅ:ବ:ଅ ଉକ୍ତ ରିଜିଅନ୍‌ର ମଜ୍‌ଲିସ୍ ଏବଂ ଲଜ୍‌ନାର ମେମ୍ବର୍ ସଂଖ୍ୟା ସମ୍ବନ୍ଧରେ ପଚାରି ବୁଝିଲେ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ରିଜିଅନାଲ୍ ସଦର୍‌ମାନେ ନିଜ ନିଜ ରିଜିଅନ୍‌ର ସମସ୍ତ ଲଜ୍‌ନା ସଦସ୍ୟମାନଙ୍କ ସହିତ ଯୋଗାଯୋଗ ରହିବା ଉଚିତ୍ ଓ ତଜ୍‌ନିଦ୍‌କୁ ରେକର୍ଡ୍ କରିବା ପ୍ରସଙ୍ଗରେ ମଧ୍ୟ କାମ କରିବା ଉଚିତ୍ ।

ଏହାପରେ ସଦର୍ ଲଜ୍‌ନା ସାହିବା କହିଲେ ଯେ ଲଜ୍‌ନା ସେକ୍‌ସନ୍ ପ୍ରାଇଭେଟ୍ ସେକ୍ରେଟାରୀ ଆମକୁ ହଜୁର୍ ଅନୁୱର୍ ଅ:ବ:ଅଙ୍କ ଜର୍ମାନୀର ନ୍ୟାସ୍‌ନାଲ୍ ଆମେଲା ଲଜ୍‌ନା ଇମାଇଲ୍ଲାଃଙ୍କ ସହିତ ଅନୁଷ୍ଠିତ ହୋଇଥିବା ମିଟିଂର Minutes ପଠାଇଥିଲେ । ସେଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଥିଲେ ଯେ ହଏଜ୍ ରେ ଥିବା ମହିଳାମାନଙ୍କୁ ମସ୍‌ଜିଦ୍ ଯିବାର ଅନୁମତି ନାହିଁ । ଏହା ଶୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଏକଥା ମୋର ନିର୍ଦ୍ଦେଶ ନୁହେଁ ବରଂ ଏହା ହଦିସ୍‌ରେ ଅଛି । ସଦର୍ ଲଜ୍‌ନା ପୁଣି କହିଲେ ଯେ ବେଳେବେଳେ ସୁରଃ ବା ଅନ୍ୟାନ୍ୟ ପ୍ରୋଗ୍ରାମ୍ ଗୁଡିକରେ କିଛି ଲଜ୍‌ନା ନିଜର ହଏଜ୍ (ଅର୍ଥାତ୍ ମାସିକ ଋତୁସ୍ରାବ) ଅବସ୍ଥା ଯୋଗୁ ପ୍ରୋଗ୍ରାମ୍ ଗୁଡିକରେ ସାମିଲ୍ ହୋଇପାରୁନାହାଁନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଆପଣମାନଙ୍କ ପାଇଁ ଏହା ଉଚିତ୍ ହେବ କି ଏହିଭଳି ପ୍ରୋଗ୍ରାମ୍ ମସ୍‌ଜିଦ୍ ଭିତରେ ଅନୁଷ୍ଠିତ ନ କରନ୍ତୁ । କିନ୍ତୁ ଯଦି ମସ୍‌ଜିଦ୍ ଭିତରେ ଅନୁଷ୍ଠିତ କରୁଛନ୍ତି ତେବେ ପୁଣି ଏପରି ମହିଳାମାନେ ଯେଉଁମାନଙ୍କ ହଏଜ୍‌ର ଦିନ ଚାଲିଛି, ସେମାନେ ଏହି ପ୍ରୋଗ୍ରାମ୍ ଗୁଡିକରେ ସାମିଲ୍ ହେବାରୁ ବାଦ୍ ଦେବା ଉଚିତ୍ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଏପରିକି ଇଦ୍ ଉତ୍ସବ ସମ୍ବନ୍ଧରେ ମଧ୍ୟ ବିଶେଷ ରୂପେ ହଦିସ୍‌ରେ ଆସିଛି ଯେ ଋତୁସ୍ରାବ ହେଉଥିବା ମହିଳାମାନେ ମସ୍‌ଜିଦ୍‌କୁ ଯାଆନ୍ତୁ ନାହିଁ । ଯେବେ କି ଇଦ୍ ନମାଜ୍ ବା ଇଦ୍‌ର ଖୁତ୍‌ବା ଫରଜ୍ ଅଟେ । କିନ୍ତୁ ଏହା ସତ୍ୱେ ମଧ୍ୟ ସ୍ପଷ୍ଟ ରୂପେ ନିର୍ଦ୍ଦେଶ ଅଛି କି ଏପରି ହାଏଜା ମହିଳାମାନେ ମସ୍‌ଜିଦ୍‌ରେ ପ୍ରବେଶ କରନ୍ତୁ ଏବଂ ମସ୍‌ଜିଦ୍ ବାହାରେ ରହି ଖୁତ୍‌ବା ଶୁଣନ୍ତୁ । ସେଥିଯୋଗୁ ମସ୍‌ଜିଦ୍ ହଲ୍ ବ୍ୟତୀତ ଯଦି କୌଣସି ଅଲଗା କୋଠରୀ ଇତ୍ୟାଦିର ବ୍ୟବସ୍ଥା ଅଛି ତେବେ ସେଠାରେ ମହିଳାମାନଙ୍କୁ ବସାଇ ଦିଆଯାଉ । ଏହିପରି ନିଜର ମିଟିଙ୍ଗ୍ ଇତ୍ୟାଦି ଗୁଡିକ ମଧ୍ୟ ସେହିପରି ସ୍ଥାନରେ ଅନୁଷ୍ଠିତ କରନ୍ତୁ ।

ମିଟିଙ୍ଗ୍‌ର ଶେଷରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଏବେ ନିର୍ବାଚନ ପରେ ହୋଇପାରେ କି ନୂଆ ସଦର୍ ଲଜ୍‌ନାଙ୍କ ଚୟନ ହେବ ଏବଂ ପୁଣି ନୂଆ ଆମେଲା ନିର୍ବାଚିତ ହେବେ । ତେଣୁ ଆପଣମାନଙ୍କୁ ଆବଶ୍ୟକ ଯେ ଏହି ସମସ୍ତ ନିର୍ଦ୍ଦେଶାବଳୀ ଓ ନିଜ ନିଜର ଅନୁଭବ ଅନୁସାରେ ନିଜ ପରେ ଆସିଥିବା ସେକ୍ରେଟାରୀମାନଙ୍କୁ ବତାଇଦିଅନ୍ତୁ । ସାଧାରଣତଃ ଏପରି ହୋଇଥାଏ ଯେ ଯେଉଁ ବିଭାଗରେ ଯାହାକିଛି ପ୍ଲାନିଂ ହୋଇଥାଏ ତାହା ଆପଣମାନଙ୍କ ଦରଜା ନିକଟରେ ପଡି ରହିଥାଏ । ସେଥିପାଇଁ ନୁଆ ଚୟନ ହୋଇଥିବା ସେକ୍ରେଟାରୀମାନଙ୍କୁ ଏହି ସମସ୍ତ ବିଷୟରେ ଅବଗତ କରାଇ ଦିଅନ୍ତୁ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଯଦି ନୂତନ ରୂପେ ନିର୍ବାଚିତ ହୋଇଥିବା ସଦର୍ ଲଜ୍‌ନା ଆପଣମାନଙ୍କ ମଧ୍ୟରୁ କାହାକୁ କୌଣସି ବିଭାଗର ସେକ୍ରେଟାରୀ ନବନାନ୍ତି ତେବେ ମଧ୍ୟ ଆପଣଙ୍କ ମନରେ କୌଣସି ପ୍ରକାରର ବିଦ୍ୱେଶ ଭାବ ରହିବା ଉଚିତ୍ ନୁହେଁ ।

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ୟୁ.ଏସ୍.ଏ ର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଏହି ମିଟିଙ୍ଗ୍ ପାଖାପାଖି ୭:୪୫ ପର୍ଯ୍ୟନ୍ତ ଜାରି ରହିଲା । (ବହୱାଲା ଅଖ୍‌ବାର୍ ବଦର୍ ଉର୍ଦ୍ଦୁ ୪,୧୧/ ଏପ୍ରିଲ୍ ୨୦୧୯)

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଏଥିରେ ହଜୁର୍ ଅନୁୱର ଅ:ବ:ଅ କହିଲେ ଯେ ହେିଫା ଠାରେ ଆମର ଜମାତ୍ ପ୍ରତିଷ୍ଠା ହୋଇଛି । ସେଠାରେ ଆମର ମିଶନ୍ ଏବଂ ମସ୍‌ଜିଦ୍ ମଧ୍ୟ ଅଛି । ସେଠାରେ ସମସ୍ତଙ୍କ ସହିତ ଆମର ଉତମ ସୁସମ୍ପର୍କ ରହିଛି ଓ ସମସ୍ତେ ସେଠାରେ ଆମକୁ ମଧ୍ୟ ସମ୍ମାନ କରୁଛନ୍ତି । ତେଣୁ ଆପଣ ତାକୁ ମଧ୍ୟ ଭେନ୍ୟୁ ରୂପେ ରଖିପାରିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା କି ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ସହିଷ୍ଣୁତା ସୃଷ୍ଟି ହେଉ ଏବଂ ବର୍ତମାନ ସମୟରେ ଏ ପୃଥିବୀରେ ଏହା ହିଁ ଆବଶ୍ୟକ ରହିଛି ।

ଆମ୍ବାସେଡର୍ ସାହେବ୍ ପାକିସ୍ତାନ୍ ଯାଇ ରବ୍‌ୱା ପରିଦର୍ଶନ କରିବାର ଇଚ୍ଛା ପ୍ରକାଶ କଲେ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣ ନିଶ୍ଚିତ ରୂପେ ଯାଆନ୍ତୁ ଓ ଯାଇ ରବ୍‌ୱା ଦେଖି ଆସନ୍ତୁ ।

ଆମ୍ବାସେଡର୍ ସାହେବ୍‌ଙ୍କ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୧୦:୩୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ୟୁ. ଏସ୍ କଂଗ୍ରେସ୍‌ମ୍ୟାନ୍‌ଙ୍କର ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ୟୁ. ଏସ୍ କଂଗ୍ରେସ୍ ମ୍ୟାନ୍ Jamie Raskin ସାହେବ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତ୍‌କାର୍‌ରେ କଂଗ୍ରେସ୍ ମ୍ୟାନ୍‌ର ସିନିୟର୍ କାଉନ୍‌ସିଲ୍ Devon Ombres ସାହେବ୍ ମଧ୍ୟ ଉପସ୍ଥିତ ଥିଲେ ।

କଂଗ୍ରେସ୍ ମ୍ୟାନ୍ ଜଣକ ବତାଇଲେ ଯେ ସେ House of Representative ର ଫ୍ଲୋର୍‌ରୁ "ଶକୁର୍‌ଭାଇ"ଙ୍କ ହକ୍‌ରେ ସ୍ୱର ଉତୋଳନ କରିଥିଲେ ଏବଂ ତାଙ୍କୁ "Prisoner of Conscience" କହିଲେ ।

ସେ ପୁଣି କହିଲେ ଯେ ହଜୁର୍ ଅନୁୱର୍ ହେଉଛନ୍ତି ଇସ୍‌ଲାମ୍‌ରେ ବଡ ମଜ୍‌ବୁତ୍ ଏବଂ ସୁସଂଗଠିତ ଶାଖାର ଲିଡର୍ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅସଲ କଥା ହେଉଛି ଏହା କି ଆମେ ଇସ୍‌ଲାମ୍‌ର ଅସଲ ଓ ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହେଉଅଛୁ । କୌଣସି ନୂଆ ଶିକ୍ଷା ନାହିଁ । ଆମେ ତ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ପରିଚାଳିତ ।

ଅହେମଦୀ ମାନଙ୍କ ପର୍ସିକ୍ୟୁସନ୍ ସନ୍ଦର୍ଭରେ କଂଗ୍ରେସ୍ ମ୍ୟାନ୍‌ଙ୍କ ପଚାରିବାରେ ହଜୁର୍ ଅନୁୱର୍ ଅ:ବ:ଅ ବ୍ୟାଖ୍ୟା କରି ବର୍ଣ୍ଣନା କଲେ ଯେ ଜୁଲ୍‌ଫିକାର୍ ଅଲି ଭୁଟୋ ୧୯୭୪ ମସିହାରେ ଆମକୁ ଅଣ ମୁସ୍‌ଲିମ୍ ଅଭିହିତ କରିଥିଲା, ଯଦ୍ୱାରା ତାକୁ ସାରା ପୃଥିବୀର ମୁସଲ୍‌ମାନ୍ ଲିଡର୍‌ସିପ୍ ହେବାର ଶ୍ରେୟ ମିଳିଯିବ । ପରେ ୧୯୮୪ ମସିହାରେ ସେ ସମୟର ଡିକ୍‌ଟେଟର୍ ଜିଆଉଲ୍ ହକ୍ ଆମ ବିରୋଧରେ ଆହୁରି ଅଧିକା ଶକ୍ତ କାନୁନ୍ ତିଆରି କଲା ଯେ ଅହେମଦୀମାନେ ତବ୍‌ଲିଗ୍ କରିପାରିବେ ନାହିଁ, ନିଜକୁ ମୁସଲ୍‌ମାନ୍ ବୋଲାଇ ପାରିବେ ନାହିଁ ଏବଂ ନିଜ ପିଲାମାନଙ୍କର ନାମ ଇସ୍‌ଲାମୀୟ ନାମ ସଦୃଶ ରଖିପାରିବେ ନାହିଁ । ମସ୍‌ଜିଦ୍‌କୁ ମସ୍‌ଜିଦ୍ କହିପାରିବେ ନାହିଁ । ଯଦି ଅସ୍‌ସଲାମେ ଆଲୈକୁମ୍ କହିବେ ତେବେ ତିନିବର୍ଷ ଜେଲ୍‌ଦଣ୍ଡ ମିଳିବ ।

ହଜୁର୍ ଅନୁୱର୍ ଅବ୍‌ଦୁଲ୍ ଶକୁର୍ ସାହେବ୍ (ଶକୁର୍‌ଭାଇ)ଙ୍କ ଚର୍ଚ୍ଚା କରି କହିଲେ ଯେ ତାଙ୍କୁ କେବଳ ଏଇଥିପାଇଁ ଗିରଫ୍ କରାଯାଇଥିଲା କି ସେ ଅହେମଦୀ ମାନଙ୍କ ତର୍‌ବିୟତ୍ ନିମନ୍ତେ କିଛି ପୁସ୍ତକ ନିଜ ପୁସ୍ତକାଳୟରେ ରଖିଥିଲେ । ଆଂଟି ଟେରୋରିଷ୍ଟ୍ ପୋଲିସ୍ ଅସ୍ତ୍ରଶସ୍ତ୍ର ଧରି ଆସିଲେ ଓ ତାଙ୍କ ଉପରେ ସନ୍ତ୍ରାସବାଦୀର ଆରୋପ ଲଗାଇ ତାଙ୍କୁ ଗିରଫ୍ କଲେ ଓ ଏବେ ସେ ଜେଲ୍‌ରେ ଅଛନ୍ତି ଓ ତାଙ୍କର ବୟସ ବର୍ତମାନ ହେଉଛି ୮୨ ବର୍ଷ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ମୁଲା ମାନଙ୍କର ପଲିଟିକାଲ୍ ଭାଲ୍ୟୁ ନାହିଁ । କେବଳ ଷ୍ଟ୍ରିଟ୍ ଭାଲ୍ୟୁ ପ୍ରଥମେ ପାକିସ୍ତାନ୍‌ରେ ଥିଲି । ଏବେ ଲଣ୍ଡନ୍‌ରେ ରହୁଛି । ପାକିସ୍ତାନ୍‌ରେ ଏହିପରି ଆମ ବିରୋଧରେ ଥିବା କାନୁନ୍ ଯୋଗୁ ସେଠାରେ ନିଜର କର୍ତବ୍ୟ ଗୁଡିକ ସମ୍ପାଦନ କରିପାରିବି ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟବାଧକତା ନାହିଁ । ଇସ୍‌ଲାମ୍ ହେଉଛି ଶାନ୍ତି, ଭାଇଚାରା, ସୌହାର୍ଦ୍ଦ୍ୟ ଏବଂ ସଲାମତିର ଧର୍ମ । ସମଗ୍ର ପୃଥିବୀରୁ ବିଶେଷ ରୂପେ ଆଫ୍ରିକିୟ ଦେଶଗୁଡିକରୁ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଲୋକ ଅହେମଦୀୟତ୍ ଗ୍ରହଣ କରୁଛନ୍ତି । ଭୀଷଣ ବିରୋଧ ହେବା ସତ୍ୱେ ମଧ୍ୟ ପାକିସ୍ତାନ୍‌ରେ ବି ଲୋକମାନେ ଅହେମଦୀୟତ୍ ଗ୍ରହଣ କରୁଛନ୍ତି । କିଛି ଲୋକ ନିଜର ଅହେମଦୀ ହେବା ବିଷୟ ପରିପ୍ରକାଶ କରୁନାହାଁନ୍ତି । ଯଦି ପ୍ରକାଶ କରିବେ ତେବେ ସେହି କାନୁନ୍ ଅନ୍ତର୍ଗତ ସେମାନେ ଦଣ୍ଡ ଭୋଗିବେ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଆମର ଯେଉଁ ଜିହାଦ୍ ଅଛି ତାହା ହେଉଛି ଏପରି କି ସମାଜରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭାଇଚାରା ପ୍ରତିଷ୍ଠା ହେଉ । ଲୋକମାନେ ନିଜର ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଏବଂ ତାହାଙ୍କ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରନ୍ତୁ ଓ ସମାଜରେ ନ୍ୟାୟ ପ୍ରତିଷ୍ଠା ହେଉ । ଏହା ହେଉଛି ଅସଲ ଜିହାଦ୍ ଯାହାକୁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଏବଂ ତାଙ୍କ ସଚ୍ଚା ଦାସ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବତାଇଛନ୍ତି ଓ ଏବେ ଜମାତ୍ ଅହେମଦୀୟା ପ୍ରତ୍ୟେକ ସ୍ଥାନରେ ଏହି ଜିହାଦ୍ କରିବାରେ ଲାଗିପଡିଛି ।

ଷ୍ଟେଟ୍ ଏବଂ ଧର୍ମର ଅଲଗା ଅଲଗା ହେବା ସମ୍ବନ୍ଧରେ ଯେବେ କଥା ଉଠିଲା ଏଥିରେ କଂଗ୍ରେସ୍ ମ୍ୟାନ୍ କହିଲେ ସେ ଏ ବାବଦରେ ଗୋଟିଏ ନିବନ୍ଧ ଲେଖିବାକୁ ଚାହୁଁଛନ୍ତି ଯେଉଁଥିରେ ସେ ହଜୁର୍ ଅନୁୱର୍ ଅ:ବ:ଅଙ୍କ ନିତୀବାଣୀକୁ ମଧ୍ୟ କୋର୍ଟ୍ କରିବାକୁ ଚାହୁଁଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ ଜମାତ୍‌ରେ ସ୍ୱେଚ୍ଛାସେବକଙ୍କ କାମ ସମ୍ବନ୍ଧରେ ବ୍ୟାଖ୍ୟା କରି କହିଲେ ଯେ କିପରି ଆମ ଜମାତ୍ ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ଡଲାର୍ ବଂଚାଉଛି । ଆମ ଜଲ୍‌ସା ଅବସରରେ ହଜାର ଲୋକମାନଙ୍କର ଖାଦ୍ୟକୁ ଆମ ସ୍ୱେଚ୍ଛାସେବକ କର୍ମୀମାନେ ପ୍ରସ୍ତୁତ କରୁଛନ୍ତି । ଯେଉଁଠି ଆପଣମାନେ ମିଲିୟନ୍ ମିଲିୟନ୍ ଖର୍ଚ୍ଚ କରୁଛନ୍ତି ସେଠାରେ ଆମେ ସେହି କାର୍ଯ୍ୟକୁ କିଛି ହଜାର ବ୍ୟୟ କରି କରିଥାଉ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଅହେମଦୀ ମାନଙ୍କ ବିରୋଧରେ ସରକାର ଯେଉଁ କାନୁନ୍ ତିଆରି କରିଛନ୍ତି ସେଥିଯୋଗୁ ଅହେମଦୀମାନଙ୍କ ଖିଲାଫ୍, ପର୍ସିକ୍ୟୁସନ୍, ଷ୍ଟେଟ୍ ପର୍ସିକ୍ୟୁସନ୍ ରହିଛି । ସେଠାରେ ଆମ ମହିଳାମାନେ ଯେବେ କୌଣସି ଜିନିଷପତ୍ର କିଣିବା ପାଇଁ ଦୋକାନକୁ ଯାଇଥାନ୍ତି ସେତେବେଳେ ଦୋକାନୀ ତାକୁ କହିଥାଏ ତୁମେ ହେଉଛ ଅହେମଦୀ ତେଣୁ ତୁମେ ଦୋକାନରୁ ବାହରିଯାଅ । ଏଥିରେ କଂଗ୍ରେସ୍ ମ୍ୟାନ୍ କହିଲେ କେମିତି ଏକଥା ଜଣାପଡୁଛି ଯେ ଏମାନେ ହେଉଛନ୍ତି ଅହେମଦୀ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଅହେମଦୀ ମାନଙ୍କର ଚାଲିଚଳଣ, କାର୍ଯ୍ୟକଳାପ ଏବଂ ରକ୍ଷଣଶୀଳତାରୁ ଜଣାପଡିଯାଏ ଏବଂ ମୁଲାମାନେ ମଧ୍ୟ ଗୁପ୍ତଚରି କରିଥାନ୍ତି, ଅହେମଦୀମାନଙ୍କ ଉପରେ ନଜର ରଖିଥାନ୍ତି । ତେଣୁ ଜଣାପଡିଯାଏ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏବେ ପାକିସ୍ତାନ୍‌ରେ ଯେତେବେଳେ ଇଦୁଲ୍ ଅଜ୍‌ହା ଅବସରରେ କୁର୍ବାନୀ ଦିଆହେଉଛି, ଇଦ୍ ପରେ ପୋଲିସ୍ ଜଣେ ଅହେମଦୀଙ୍କ ଘରକୁ ଆସିଲା ଓ କୁର୍ବାନୀ ହୋଇଥିବା ପଶୁକୁ ମଧ୍ୟ ନେଇଗଲେ ଏବଂ ଅହେମଦୀଙ୍କୁ ମଧ୍ୟ ସାଥିରେ ନେଇଗଲେ । ଏବେ ସେଠାରେ ପୋଲିସ୍, ପବ୍ଲିକ୍ ଏବଂ ମୌଲବୀ ସମସ୍ତେ ଅହେମଦୀମାନଙ୍କ ଖିଲାଫ୍‌ରେ ପର୍ସିକ୍ୟୁସନ୍ କରିବାରେ ସାମିଲ୍ ହୋଇଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବର୍ତମାନ ପାକିସ୍ତାନ୍‌ରେ ଅହେମଦୀମାନଙ୍କ ଖିଲାଫ୍‌ରେ ଘୃଣାଭାବର ସ୍ତର ଏତେ ମାତ୍ରାକୁ ଚାଲିଯାଇଛି ଯେ ଇମ୍ରାନ୍ ଖାନ୍ ମୁଲ୍ଲା ମାନଙ୍କ ଚାପରେ ଆସି ବିବଶ ହୋଇ ଜଣେ ଅହେମଦୀ ଇକୋନୋମିଷ୍ଟ୍ ଆତିଫ୍ ମିଆଁଙ୍କୁ ଇକୋନୋମିକ୍ ଆଡ୍‌ଭାଇଜରି କାଉନ୍‌ସିଲ୍‌ରୁ ବାହାର କରିଦେଲେ ।

କଂଗ୍ରେସ୍ ମେନ୍ କହିଲେ ଏବେ ସେ ପୂର୍ବଠାରୁ ଅଧିକା ଜମାତ୍ ସହିତ ମିଶି ଅହେମଦୀମାନଙ୍କ ପର୍ସିକ୍ୟୁସନ୍ ପ୍ରସଙ୍ଗରେ କାମ କରିବେ ।

ହଜୁର୍ ଅନୁୱର୍ ଅ:ବ:ଅ ୧୯୯୯ ମସିହାରେ ଯେତେବେଳେ ଜେଲ୍‌ରେ ଦିନ ବିତାଇଥିଲେ, କଂଗ୍ରେସ୍ ମେନ୍ ସେ ବାବଦରେ ମଧ୍ୟ ପ୍ରଶ୍ନ ପଚାରିଲେ ଓ ବହୁତ ଆଗ୍ରହ ପ୍ରକାଶ କଲେ । ସେ କହିଲେ ଯେ ଅହେମଦୀମାନଙ୍କ ପର୍ସିକ୍ୟୁସନ୍ ତାଙ୍କୁ ୟୁହୁଦୀମାନଙ୍କ ସହିତ ହୋଇଥିବା ଅତ୍ୟାଚାରକୁ ମନେ ପକାଇଦେଉଛି ।

କଂଗ୍ରେସ୍ ମ୍ୟାନ୍ ଜାମି ରସ୍‌କିନ୍‌ଙ୍କର ହଜୁର୍ ଅନୁୱର୍ ଅ:ବ:ଅଙ୍କ ଏହି ସାକ୍ଷାତ୍‌କାର୍ ୧୧:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍ ଏବଂ ଲୋକମାନଙ୍କର ମନୋଭାବବ୍ୟକ୍ତ**

ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ପଦାର୍ପଣ କଲେ ଓ ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା ।

ଆଜି ସକାଳର ଏହି ସେସନ୍‌ରେ ୩୪ଟି ଫ୍ୟାମିଲିର ୩୯୫ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଆଜି ସାକ୍ଷାତ୍ କରିବାକୁ ଆସିଥିବା ଫ୍ୟାମିଲି ଗୁଡିକ ଆମେରିକାର ନିମ୍ନଲିଖିତ ୬ଗୋଟି ଜମାତ୍‌ରୁ ଆସିଥିଲେ । ବ୍ରୋକ୍ଲିନ୍, କୋଟୋମେକ୍, ରିଚ୍‌ମାଣ୍ଡ୍, ସିଲ୍‌ଭର୍‌ସ୍ପ୍ରିଙ୍ଗ୍, ସାଉଥ୍ ଭର୍ଜିନିଆ ଏବଂ ୱିଲିଙ୍ଗ୍ ବୋରୋ । ଏତଦ୍‌ବ୍ୟତୀତ ସାଉଦୀ ଆରବ ଦେଶରୁ ଆସିଥିବା ସଦସ୍ୟମାନେ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ମୋକରମ୍ ଖଲିଲ୍ ଅହେମଦ୍ ସାହେବ୍ ଯାହାଙ୍କ ସମ୍ବନ୍ଧ ନ୍ୟୁୟର୍କ୍‌ର ବ୍ରୋକୋଲିନ୍ ଜମାତ୍ ସହିତ ଅଛି, ସେ ସାକ୍ଷାତ୍‌କାର୍ କରିବା ପରେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି- ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ଖୁସିରେ ଆମେ ଦୁଇ ତିନିଦିନ ହେବ ଶୋଇପାରିନାହୁଁ । ପିଲାମାନେ ଏକମାସରୁ ଅଧିକ ହେବ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ପ୍ରସ୍ତୁତି ଚଳାଇଥିଲେ । ଏହା କେବଳ ଅଲ୍ଲାଃତାଲାଙ୍କ କୃପା କି ଯିଏ ଆମକୁ ଏପରି କ୍ଷଣ ଦେଖାଇଲେ ଯେ ଆମ ପ୍ରିୟ ଖଲିଫା ଆମ ଆଖି ସମ୍ମୁଖରେ ଥିଲେ ।

ମୋକରମ୍ ଅସଦୁଲ୍ଲାଃ ମୁହମ୍ମଦ୍ ସାହେବ୍ ଆମେରିକାର ସାଉଥ୍ ଭର୍ଜିନିଆ ଜମାତ୍‌ରୁ ନିଜ ଫ୍ୟାମିଲି ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ କହୁଛନ୍ତି କି ପିଲା ଓ ପରିବାରଙ୍କ ସହିତ ଏହା ମୋର ପ୍ରଥମ ସାକ୍ଷାତ୍‌କାର୍ ଥିଲା । ହଜୁର୍ ଅନୁୱର୍‌ଙ୍କ ସମ୍ବନ୍ଧରେ ଆମେ ସବୁବେଳେ ଏକଥା ଶୁଣୁଥିଲୁ ଯେ ହଜୁର୍‌ଙ୍କୁ ଅଲ୍ଲାଃତାଲା ଅସାଧାରଣ ମନେରଖିବାର ଶକ୍ତି ପ୍ରଦାନ କରିଛନ୍ତି । ଆଜି ସାକ୍ଷାତ୍‌କାର୍ ସମୟରେ ଆମେ ଏକଥାକୁ ନିଜ ଆଖି ସାମ୍‌ନାରେ ଦେଖିନେଲୁ । ଯେତେବେଳେ ମୋ ସ୍ତ୍ରୀ ସାକ୍ଷାତ୍‌କାର୍ ସମୟରେ ନିଜର ପରିଚୟ ନିଜ ବାପାଙ୍କ ନାମ ନେଇ କରାଇଲେ ଏଥିରେ ହଜୁର୍ ଅନୁୱର୍ କହିଲେ ଯେ ସେ ତ ମୋତେ ଲଣ୍ଡନ୍‌ରେ ଜଲ୍‌ସା ସମୟରେ ସାକ୍ଷାତ୍ କରିଥିଲେ ଓ ମୋତେ ଚିଠି ମଧ୍ୟ ଲେଖୁଛନ୍ତି । ଲକ୍ଷ ଲକ୍ଷ ଲୋକେ ଖଲିଫାଙ୍କୁ ଚିଠି ଲେଖୁଛନ୍ତି ଓ ସାକ୍ଷାତ୍ କରିବାକୁ ମଧ୍ୟ ଆସୁଛନ୍ତି କିନ୍ତୁ ଖଲିଫା ତାଙ୍କ ଆଧ୍ୟାତ୍ମିକ ପ୍ରେମିକଙ୍କୁ ମନେରଖିବା ଏକ ଅସାଧାରଣ ଓ ଐଶି ପ୍ରଦତ କଥା ନୁହେଁ ତ କଣ ।

ଆଉ ଜଣେ ସାହେବ୍ ହେଉଛନ୍ତି ଜୁବେର୍ ଅଖ୍‌ତର୍ । ସେ ନିଜ ପରିବାରବର୍ଗଙ୍କ ସହିତ ନ୍ୟୁୟର୍କ୍‌ରୁ ପାଂଚଘଂଟା ଯାତ୍ରା ଅତିକ୍ରମ କରି ନିଜ ଆକାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଏଠାରେ ପହଂଚିଥିଲେ । ସେ ବର୍ଣ୍ଣନା କରୁଛନ୍ତି ଯେ ଆମେ ୨୦୧୬ ମସିହାରେ ଆମେରିକା ଆସିଲୁ । ପାକିସ୍ତାନ୍‌ରେ ଆମକୁ ହଜୁର୍ ଅନୁୱର୍‌ଙ୍କ ଜମିରେ କାମ କରିବାର ଅବସର ମିଳିଛି । ସାକ୍ଷାତ୍‌କାର୍ ସମୟରେ ଆମର ପୁରା ପରିବାର ଏକଥା ଅନୁଭବ କଲା ଯେ ହଜୁର୍ ଅନୁୱର୍‌ଙ୍କ ପବିତ୍ର ଶ୍ରୀମୁଖ

ଏକ ବିଶେଷ ନୁର୍‌ରେ ଝଲସୁଛି । ତାଙ୍କ ପୁତ୍ର ହମ୍‌ଦାନ୍ ସାହେବ୍ ବର୍ଣ୍ଣନା କରୁଛନ୍ତି କି ଯେତେବେଳେ ସେ ହଜୁର୍ ଅନୁଓ୍ୱର୍‌ଙ୍କ ଦଫ୍‌ତର୍ ଭିତରକୁ ପ୍ରବେଶ କଲେ ସେତେବେଳେ ତାଙ୍କୁ ଏପରି ଅନୁଭବ ହେଲା କି ଯେମିତି ସେଠିକାର ପରିବେଶ ଆଉ ଏକ ପୃଥିବୀ ସଦୃଶ ଯାହାକୁ ଶବ୍ଦରେ ବର୍ଣ୍ଣନା କରିବା ତାଙ୍କ ଶକ୍ତି ବାହାରେ ।

ମହମ୍ମଦ୍ ଶାହିଦ୍ ସାହେବ୍ ନିଜ ପରିବାର ବର୍ଗଙ୍କ ସହିତ ହଜୁର୍ ଅନୁଓ୍ୱର୍‌ଙ୍କ ସଙ୍ଗେ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ବର୍ଣ୍ଣନା କରୁଛନ୍ତି ଯେ ସାକ୍ଷାତ୍‌କାର୍ ସମୟରେ ଏପରି ଅନୁଭବ ହେଉଥିଲା ଯେପରି ସମୟ ରୋକିଯାଇଛି । ଚତୁଃପାର୍ଶ୍ୱର ସଂସାର ଥମିଯାଇଛି । ଏବେ ସାକ୍ଷାତ୍‌କାର୍ ପରେ ମୁଁ ଏକଥା ଅନୁଭବ କରୁଛି ଯେମିତି ପୁନର୍ବାର ନୁଆ କରି ଏ ପୃଥିବୀକୁ ମୁଁ ଫେରି ଆସୁଛି । ମୁଁ ପୂର୍ବରୁ ଗୋଟିଏ ସାକ୍ଷାତ୍‌କାର୍ ସମୟରେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ କାନ୍ଧମିଳାଇବା ପାଇଁ ନିବେଦନ କରିଥିଲି । ସେତେବେଳେ ହଜୁର୍ ଅନୁଓ୍ୱର୍ କହିଥିଲେ କି ବର୍ତମାନ ବହୁତ ଲୋକେ ସାକ୍ଷାତ୍ କରିବା ନିମନ୍ତେ ଧାଡିରେ ଅପେକ୍ଷା କରି ରହିଛନ୍ତି । ତେଣୁ ଏବେ ନୁହେଁ ଆଉ କେତେବେଳେ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଏକଥା ଯେବେ ବତାଇଲି ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମୋତେ କାନ୍ଧ ମିଳାଇବାକୁ ସୌଭାଗ୍ୟ ପ୍ରଦାନ କଲେ ।

ମୁଦସିର୍ ଚୌଧୁରୀ ସାହେବ୍ ନିଜ ସ୍ତ୍ରୀଙ୍କ ସହି ଅନେକ ଘଂଟାର ରାସ୍ତାକୁ ଯାତ୍ରା କରି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ଏଠାରେ ଉପସ୍ଥିତ ହୋଇଥିଲେ । ସେ କହୁଛନ୍ତି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଏହା ଆମର ପ୍ରଥମ ସାକ୍ଷାତ୍‌କାର୍ ଥିଲା । ତାଙ୍କ ସ୍ତ୍ରୀ କହିଲେ ଯେ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଚେହେରାରେ ଏକ ଅସାଧାରଣ ନୁର୍ ରହିଛି, ଯାହା ତତ୍‌କ୍ଷଣାତ୍ ମନକୁ ନିଜ ଆଡକୁ ଟାଣି ନେଉଛି ଓ ଏପରି ଅନୁଭବ ହେଉଛି ଯେ ଅଲ୍ଲାଃତାଲାଙ୍କ ଫରିସ୍ତା (ଅର୍ଥାତ୍ ଦେବଦୂତ)ମାନେ ହଜୁର୍‌ଙ୍କୁ ଘେରି ରହିଛନ୍ତି । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ଏପରି ଅନୁଭବ ହେଉଥିଲା କି ଆମ ମନ ଓ ହୃଦୟ ଶାନ୍ତ ହୋଇଯାଇଛି ଓ ଆମେ କେବଳ ହଜୁର୍ ଅନୁଓ୍ୱର୍‌ଙ୍କ ଦର୍ଶନ କରି ଚାଲିଛୁ ଏବଂ ସମୟ ଥମି ଯାଇଛି ।

ନ୍ୟୁୟର୍କ୍‌ର ବ୍ରୋକୋଲିନ୍ ଜମାତ୍‌ରୁ ଆସିଥିବା ଜଣେ ବନ୍ଧୁ ମିର୍ଜା ମୁହମ୍ମଦ୍ ଅଦ୍‌ନାନ୍ ସାହେବ୍ ତାଙ୍କ ପରିବାରଙ୍କ ସହିତ ସାକ୍ଷାତ୍ କଲେ । ସେ କହୁଛନ୍ତି କି ଆଜି ଆମେ ନିଜକୁ ବହୁତ ଭାଗ୍ୟବାନ ମଣୁଛୁ । ଆଜି ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଆମର ପ୍ରଥମ ସାକ୍ଷାତ୍‌କାର୍ ଥିଲା । ସାକ୍ଷାତ୍‌କାର୍ ସମୟରେ ଗୋଟିଏ କଥା ଏମିତି ଘଟିଲା ଯାହାକୁ ଆମେ କେବେ ଭୁଲିପାରିବୁ ନାହିଁ । ଯେତେବେଳେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରରେ ନିବେଦନ କଲି କି ଏ ଅଧମ ଡାକ୍ତର ହେଉଅଛି ଏଥିରେ ହଜୁର୍ ଅନୁଓ୍ୱର୍ ମୋତେ ଗୋଟିଏ କଲମ ବିଭୁତି ରୂପେ ପ୍ରଦାନ କଲେ ଓ ଏ ଉପଦେଶ ଦେଲେ କି ଆପଣ ନିଜର ପ୍ରଥମ ନୁସ୍‌ଖା (ଅର୍ଥାତ୍ ରୋଗୀଙ୍କ ପାଇଁ ଲେଖାଯାଉଥିବା ଔଷଧ ଚିଠା) ଏହି କଲମ ଦ୍ୱାରା ହିଁ ଲେଖିବେ । ଏହା ଆପଣଙ୍କ ପାଇଁ ବାବର୍‌କତ୍ ହେବ ।

ରାଣା ମହମ୍ମଦ୍ ମୋହ୍‌ସିନ୍ ସାହେବ୍ ନିଜ ପରିବାର ବର୍ଗଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ବର୍ଣ୍ଣନା କରୁଛନ୍ତି ଯେ ଆଜି ଆମ ଜୀବନର ପ୍ରଥମ ସାକ୍ଷାତ୍‌କାର୍ ଥିଲା । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ଏପରି ଅନୁଭବ ହେଉଥିଲା ଯେମିତି ମୁଁ ଭିତରୁ ଭିତରୁ ପରିବର୍ତନ ହୋଇସାରିଛି । ଏବେ ମୁଁ ଏକ ନୁଆ ପ୍ରତିଜ୍ଞା କରି ଆସିଛି ଯେ ପୂର୍ବଠାରୁ ବଳି ଭଲ କାମ କରିବା ପ୍ରତି ପାଦ ବଢ଼ାଇବି । ତାଙ୍କ ପୁତ୍ର ବର୍ଣ୍ଣନା କରୁଛନ୍ତି ଯେ ହଜୁର୍ ଅନୁଓ୍ୱର୍‌ଙ୍କ ବ୍ୟକ୍ତିତ୍ୱ ଏପରି ଚୁମ୍ବକୀୟ ଓ ଜ୍ୟୋତିପୂର୍ଣ୍ଣ ଥିଲା ଯେ ମୁଁ ତ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଚେହେରାକୁ ଦର୍ଶନ ହିଁ କରି ଚାଲିଥିଲି । ତାଙ୍କ ଝିଅ ବର୍ଣ୍ଣନା କରିଛନ୍ତି ଯେ ମୋର ଇଛା ଥିଲା କି ହଜୁର୍ ମୋତେ ଗୋଟିଏ ମୂଦି ଉପହାର ଦିଅନ୍ତୁ ଓ ମୁଁ ନିଜେ ଏ ବିଷୟରେ କିଛି କହିନାହିଁ । ଯେବେ ହଜୁର୍ ମୋତେ ପଚାରିଲେ ଯେ ମୋ ବିବାହ ହୋଇଗଲାଣି । ଏଥିରେ ମୁଁ ଉତର ଦେଲି ବିବାଘର ହୋଇସାରିଛି । ଏହା ଶୁଣି ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମୋତେ ଗୋଟିଏ ମୂଦି ପ୍ରଦାନ କଲେ ।

ଜଣେ ମହିଳା ନିଜ ପିଲାମାନଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ କହୁଛନ୍ତି କି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ସହିତ ମୋତେ ୧୬ବର୍ଷ ବୟସ ହୋଇଥିବା ସମୟରେ ସାକ୍ଷାତ୍ ହୋଇଥିଲା । ତା'ପରେ ଆଜି ମୁଁ ଖଲିଫତୁଲ୍ ମସିହ୍‌ଙ୍କ ସହିତ ସାକ୍ଷାତ୍ କରୁଛି । ଏଥିରେ ମୋ ଇମାନ୍ ସତେଜ୍ ହୋଇଗଲା । ହଜୁର୍ ଅନୁଓ୍ୱର୍ ହେଉଛନ୍ତି ଜଣେ ସ୍ନେହମୟ ଆଧ୍ୟାତ୍ମିକ ବାପା । ମୋ ସ୍ୱାମୀଙ୍କର ଦେହାନ୍ତ ହୋଇସାରିଛି । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ମୋର ସମସ୍ତ ପିଲାମାନଙ୍କଠାରୁ ଜଣଜଣ କରି ସେମାନଙ୍କ ପାଠପଢ଼ା ସମ୍ବନ୍ଧରେ ପଚାରିବୁଝିଲେ ଓ ସେମାନଙ୍କ ସହିତ ବହୁତ ପ୍ରେମ ଓ ସ୍ନେହର ସହିତ କଥା ହେଲେ ।

ମୋର ଝିଅ ଫାର୍ମାସିସ୍ ପାଠ ପଢୁଛନ୍ତି । ସେ ହଜୁର୍‌ଙ୍କୁ ପଚାରିଲେ କି କ'ଣ ସେ ଏପରି ଔଷଧ ବ୍ୟବହାର କରିପାରିବେ ଯେଉଁଥିରେ ଗୋ ମାଂସ ବ୍ୟବହାର ହୋଇଥିବ ଓ ତାହା ଇସ୍‌ଲାମୀୟ ଶୈଳୀ ମୁତାବକ ହଲାଲ୍ ହୋଇ ନଥିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜଣେ ରୋଗୀ ବିଲ୍‌କୁଲ୍ ଏହିପରି ଔଷଧ ବ୍ୟବହାର କରିପାରିବେ ବରଂ ପାକିସ୍ତାନ୍‌ରେ କେତେକ କାଶ ଉପଶମ ଔଷଧ ଏପରି ମିଳୁଛି ଯେଉଁଥିରେ ଆଲ୍‌କହଲ୍ ବ୍ୟବହାର ହୋଇଥାଏ । ବାସ୍ତବରେ ରୋଗର ଉପଚାର ନିମନ୍ତେ ଏହି ପ୍ରକାରର ଔଷଧର ବ୍ୟବହାରକୁ ଶରୀୟତ୍ ଅନୁମତି ପ୍ରଦାନ କରିଛି ।

ଆଉ ଜଣେ ବନ୍ଧୁ ମୁହମ୍ମଦ୍ ରଫିକ୍ ନୁନ୍ ସାହେବ୍ ଅନେକ ଘଂଟାର ଯାତ୍ରା ଅତିକ୍ରମ କରି ନିଜ ପରିବାର ବର୍ଗଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ ବର୍ଣ୍ଣନା କରିଛନ୍ତି ଆଜି ଆମେ ନିଜ ଜୀବନରେ ପ୍ରଥମଥର ପାଇଁ ଖଲିଫତୁଲ୍ ମସିହ୍‌ଙ୍କୁ ବହୁତ ନିକଟରୁ ଦେଖିବାକୁ ପାଇଛୁ । ହଜୁର୍‌ଙ୍କ ସହିତ ହାତ ମିଳାଇଛୁ, କଥା ହୋଇଛୁ ଏବଂ ଆନନ୍ଦରେ ଆମ ଆଖିରୁ ଅଶ୍ରୁ ବୋହୁଛି । ଆଜି ଆମେ ବହୁତ ସୌଭାଗ୍ୟଶାଳୀ ଯେ ଯୁଗ ଖଲିଫାଙ୍କୁ ନିଜ ଆଖି ସାମ୍‌ନାରେ ଦେଖିବାକୁ ପାଇଲୁ ।

ତାହେର୍ ଅହେମଦ୍ ସାହେବ୍ ଯାହାଙ୍କ ସମ୍ବନ୍ଧ ସେଂଟ୍ରାଲ୍ ଭର୍ଜିନିଆ ଜମାତ୍ ସହିତ ଅଛି, ସେ ନିଜ ପରିବାର ବର୍ଗଙ୍କ ସହିତ ହଜୁର୍ ଅନୁଓ୍ୱର୍‌ଙ୍କ ସଙ୍ଗେ ସାକ୍ଷାତ୍ କରିବା ପାଇଁ ଆସିଥିଲେ । ସେ ନିଜର ମନୋଭାବକୁ ବର୍ଣ୍ଣନା କରି କହୁଛନ୍ତି ଯେ ଯେତେବେଳେ ଆମେ ସାକ୍ଷାତ୍ କରିବା ନିମନ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ଦଫ୍‌ତର୍‌ରେ ପ୍ରବେଶ କଲୁ ସେତେବେଳେ ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ଚେହେରା ଜ୍ୟୋତିପୂର୍ଣ୍ଣ ହେଇ ଝଟକୁ ଥିଲା । ଏପରି ଲାଗିଥିଲା ଯେପରି ଦେବଦୂତମାନେ ହଜୁରଙ୍କ ଡାହାଣ ଓ ବାମ ପାର୍ଶ୍ୱରେ ଛିଡା ହୋଇଛନ୍ତି । ତାଙ୍କ ପତ୍ନୀ ବତାଇଲେ ଯେ ପଛ ବର୍ଷ ମୁଁ ପାରାଲାଇଜ୍ ରୋଗରେ ପିଡୀତ ଥିଲି ଏବଂ ସ୍ୱାସ୍ଥ୍ୟ ଲାଭ କରିବା ନିମନ୍ତେ ହଜୁର୍ ଅନୁଓ୍ୱର୍‌ଙ୍କୁ ନିୟମିତ ଚିଠି ଲେଖୁଥିଲି ଓ ହଜୁର୍ ଅନୁଓ୍ୱର୍‌ଙ୍କ ନିକଟରୁ ସେହି ଚିଠିର ଉତର ଗୁଡିକ ଅନବରତ ମିଳୁଥିଲା । ଏବେ ଇଶ୍ୱରଙ୍କ କୃପାରୁ ମୁଁ ହଜୁର୍ ଅନୁଓ୍ୱର୍ ଅ:ବ:ଙ୍କ ପ୍ରାର୍ଥନା ଯୋଗୁ ଐଶି ଚମତ୍କାର ରୂପେ ବହୁ ମାତ୍ରାରେ ଠିକ୍ ହୋଇ ସାରିଛି । ସାକ୍ଷାତ୍‌କାର୍ ସମୟରେ ଯେତେବେଳେ ତାଙ୍କ ପୁତ୍ର ହଜୁର୍ ଅନଓ୍ୱର୍‌ଙ୍କୁ ନିଜ ମାଆଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଦୁଆ କରିବା ପାଇଁ ନିବେଦନ କଲେ ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ତାଙ୍କୁ କିଛି ହୋଇନାହିଁ ଓ ସେ ବିଲ୍‌କୁଲ୍ ଠିକ୍ ହୋଇଯିବେ । ଏଥିରେ ସେ ପୁଣି କହିଲେ ଯେ ଏହିପରି ହଜୁର୍ ଅନୁଓ୍ୱର୍ ମୋତେ ମୋର ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାପଭ କରିବାର ସୁ ସମାଚର ପୂର୍ବରୁ ହିଁ ଦେଇଦେଲେ । ମୋର ଦୃଢ଼ ବିଶ୍ୱାସ ରହିଛି ଯେ ଏବେ ରୋଗର ଯେଉଁ ଅଳ୍ପ କିଛି ଯେଉଁ ପ୍ରଭାବ ବାକି ରହିଯାଇଛି ତାହା ମଧ୍ୟ ଶେଷ ହୋଇଯିବ । ଇନ୍‌ଶାଅଲ୍ଲାଃ ଅଲ୍ ଅଜିଜ୍ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୩:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁର୍ ରହେମାନ୍‌ଠାରେ ପଦାର୍ପଣ କର ଜୋହର୍ ଏବଂ ଅସର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

### ନ୍ୟାସ୍‌ନାଲ୍ ଆମେଲା ଲଜ୍‌ନା ଇମାଇଲ୍ଲାଃ ଆମେରିକାଙ୍କ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଙ୍ଗ୍

ନ୍ୟାସ୍‌ନାଲ୍ ଆମେଲା ଲଜ୍‌ନା ଇମାଇଲ୍ଲାଃ ଆମେରିକାଙ୍କ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଙ୍ଗ୍ ରଖାଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୬:୩୦ରେ ମିଟିଂ ରୂମ୍‌ରେ ପଦାର୍ପଣ କଲେ । ଏବଂ ନ୍ୟାସ୍‌ନାଲ୍ ଆମେଲା ଲଜ୍‌ନା ଇମାଇଲ୍ଲାଃ ଆମେରିକାଙ୍କ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ମିଟିଙ୍ଗ୍ ଆରମ୍ଭ ହେଲା । ହଜର୍ ଅନୁଓ୍ୱର୍ ଅ:ବ:ଅ ପ୍ରଥମେ ଦୂଆ କରାଇଲେ ପୁଣି ମିଟିଂର ଶୁଭାରମ୍ଭ ହେଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜେନେରାଲ୍ ସେକ୍ରେଟାରୀ ଲଜ୍‌ନା ଇମାଇଲ୍ଲାଃଙ୍କ ଠାରୁ ପଚାରି ବୁଝିଲେ ଯେ ମୋଟ୍ କେତୋଟି ମଜ୍‌ଲିଓସ୍ ଅଛି । ପୁଣି ସବୁ ମଜ୍‌ଲିସ୍ ଗୁଡିକ ନିଜ ନିଜର ମାସିକ ରିପୋର୍ଟ ପଠାଉଛନ୍ତି କି ?ଏଥିରେ ଜେନେରାଲ୍ ସେକ୍ରେଟାରୀ କହିଲେ ମୋଟ ୭୪ଟି ମଜ୍‌ଲିସ୍ ଅଛି ଏବଂ ଅଲ୍‌ହମ୍‌ଦୋଲିଲ୍ଲାଃ ସବୁ ମଜ୍‌ଲିସ୍ ନିଜ ନିଜର ରିପୋର୍ଟ୍ ଗୁଡିକୁ ନିୟମିତ ପଠାଉଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଏହି ମଜ୍‌ଲିସ୍ ଗୁଡିକର ରିପୋର୍ଟ୍ ଗୁଡିକ ଉପରେ ଫିଡ୍‌ବ୍ୟାକ୍ କିଏ ଦେଉଛି ? ଏଥିରେ ଜେନେରାଲ୍ ସେକ୍ରେଟାରୀ ସାହିବା କହିଲେ ଯେ ସମ୍ବନ୍ଧିତ ବିଭାଗର ସେକ୍ରେଟାରୀ ମଧ୍ୟ ଦେଉଛନ୍ତି ଓ ସଦର୍ ସାହିବା ମଧ୍ୟ ଫିଡ୍‌ବ୍ୟାକ୍ ଦେଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ପଚାରିବାରେ ସଦର୍ ସାହିବା କହିଲେ ଯେ ତାଙ୍କ ଦଫ୍‌ତର୍ ସେଠାରେ ରହିଛି କିନ୍ତୁ ସେ ଘରେ କାମ କରିଥାନ୍ତି । କିନ୍ତୁ ଯେତେବେଳେ ପ୍ରୋଗ୍ରାମ୍ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ ସେତେବେଳେ ସେ ଦଫ୍‌ତରକୁ ବ୍ୟବହାର କରିଥାନ୍ତି । ନାଏବ୍ ସଦର୍ ମଧ୍ୟ ଅଫିସ୍‌ରେ କାର୍ଯ୍ୟ କରୁଛନ୍ତି ।

ସେକ୍ରେଟାରୀ ତାଲିମ୍ ନିଜ ବିଭାଘର ରିପୋର୍ଟ୍ ଦେଇ କହିଲେ ଯେ ପବିତ୍ର କୋରାନ୍‌ରେ ଆମେ ସୁରଃ ନିଶା ପାଠ କରୁଅଛୁ ଏବଂ ଅଧା ରୁକୁ ଅନୁବାଦ ସହିତ ପଢ଼ାଯାଉଛି । ନାଜେରାଃକୁ ଭଲଭାବେ ପଢ଼ିବା ପାଇଁ ମଧ୍ୟ କାମ ଚାଲିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତାଲିମ୍ ବତାଇଲେ ଯେ ଆମେ 'କଶ୍‌ତିନୁହ୍' କୁ ନିସାବ୍‌ରେ ରଖିଛୁ । ଇଜ୍‌ଲାସ୍ ଗୁଡିକରେ ମଧ୍ୟ ସେହି ପୁସ୍ତକର କିଛି ଅଂଶକୁ ପଢ଼ାଯାଇଥାଏ । ଗୋଟିଏ ପରୀକ୍ଷା ମଧ୍ୟ ରଖିଛୁ, ଯେଉଁଥିରେ ୬୪ ପ୍ରତିଶତ ଲଜ୍‌ନା ସାମିଲ୍ ହେଉଛନ୍ତି । ସେକ୍ରେଟାରୀ ତାଲିମ୍ କହିଲେ ଯେ ଏ ମାସରୁ ଆମେ ଶବ୍ଦ ଅର୍ଥ ଥିବା ଲଫ୍‌ଜି ଅନୁବାଦ ମଧ୍ୟ ଆରମ୍ଭ କରିଛୁ । ଏହା ଆମେ ଅଲ୍ ଇସ୍‌ଲାମ୍ ଓ୍ୱେବ୍‌ସାଇଟ୍‌ରୁ ନେଇଛୁ ଯାହାକୁ ଅନ୍‌ସାରୁଲ୍ଲାଃ ୟୁ.କେ ପ୍ରସ୍ତୁତ କରିଥିଲେ । ଏହା ବହୁତ ଫଳପ୍ରଦ ଅଟେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ତର୍‌ବିୟତ୍‌ଙ୍କୁ ପଚାରିଲେ ଯେ ତାଙ୍କର ଏ ବର୍ଷର ଯୋଜନା କଣ ରହିଛି ଓ ଏପର୍ଯ୍ୟନ୍ତ ସେ କେତେ ମାତ୍ରାରେ ସଫଳ ହୋଇଛନ୍ତି ? ଏଥିରେ ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ ଆମେ ଓ୍ୱାର୍କ୍‌ବୁକ୍ ଉପରେ କାମ କରୁଛୁ, ଯେଉଁଥିରେ ପ୍ରତ୍ୟେକ ମାସ ବିଭିନ୍ନ ବିଷୟବସ୍ତୁ ରହିଥାଏ । ଏହି ବିଷୟ ବସ୍ତୁ ଗୁଡିକ ମଧ୍ୟରେ ବିବାହ, ପିଲାମାନଙ୍କ ତର୍‌ବିୟତ୍, ମାଲି କୁର୍ବାନୀର ଗୁରୁତ୍ୱ, ନମାଜ ଏବଂ ଦୃଢ଼ପଦ ରହିବା ଇତ୍ୟାଦି ବିଷୟବସ୍ତୁ ସାମିଲ୍ କରାଯାଇଥାଏ । ଏତଦ୍‌ବ୍ୟତୀତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଖୁତ୍‌ବା ଗୁଡିକୁ ଶୁଣିବା ପ୍ରତି ଧ୍ୟାନ ଦେବାପାଇଁ ମଧ୍ୟ ବିଶେଷ ଚେଷ୍ଟା କରାଯାଉଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ କିଛି ଖୁତ୍‌ବା ଇତ୍ୟାଦିକୁ ଆଲୋଚନା ମଧ୍ୟ କରୁଛା କି ? ସେକ୍ରେଟାରୀ ତର୍‌ବିୟତ୍ କହିଲେ ହଁ ଆଜ୍ଞା କେତେକ ମଜ୍‌ଲିସ୍ ଗୁଡିକ ନିଜ ନିଜର ପ୍ରୋଗ୍ରାମ୍ ସମୟରେ ଆଲୋଚନା ମଧ୍ୟ କରୁଛନ୍ତି । କିଛି ବିଶେଷ ପଏଂଟ୍‌କୁ ନେଇ ତା ଉପରେ ଚର୍ଚ୍ଚା କରାଯାଉଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ କଣ ଆପଣ ପ୍ରତ୍ୟେକ ଖୁତ୍‌ବା ପରେ ସେଥିରୁ ପ୍ରଶ୍ନ ପ୍ରସ୍ତୁତ କରି ଲଜ୍‌ନାକୁ ଦେଉଛନ୍ତି କି ? ଏଥିରେ ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ କେତେକ ମଜ୍‌ଲିସ୍‌ରେ ସ୍ଥାନୀୟ ସ୍ତରରେ ପ୍ରଶ୍ନଗୁଡିକ ପ୍ରସ୍ତୁତ କରାଯାଇଥାଏ କିନ୍ତୁ ଏପର୍ଯ୍ୟନ୍ତ ଜାତୀୟ ସ୍ତରରେ ଆମେ ଏହାକୁ ଆରମ୍ଭ କରିନାହୁଁ । କିନ୍ତୁ ଜାତୀୟ ସ୍ତରରେ ମଧ୍ୟ ଏହାକୁ କରାଯାଇପାରେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜାତୀୟ ସ୍ତରରେ ମଧ୍ୟ କରନ୍ତୁ ଓ ସ୍ଥାନୀୟ ସ୍ତରରେ ମଧ୍ୟ କରନ୍ତୁ । ପ୍ରଥମେ ସେହି ପ୍ରଶ୍ନଗୁଡିକୁ ନିଜେ ପଢ଼ନ୍ତୁ ଓ ପୁଣି ସେହି ପ୍ରଶ୍ନ ଗୁଡିକୁ ଫ୍ୟାମିଲି ମେମ୍ବର୍‌ମାନଙ୍କ ସହିତ ଆଲୋଚନା କରନ୍ତୁ । ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ ଏତଦ୍‌ବ୍ୟତୀତ ଆମେ ପିଲାମାନଙ୍କ ତର୍‌ବିୟତ୍ ପାଇଁ ମଧ୍ୟ ଧ୍ୟାନ ଦେଉଅଛୁ । ଏ ପ୍ରସଙ୍ଗରେ ଆମେ ପଛବର୍ଷ ଗୋଟିଏ ପୁସ୍ତକ ପ୍ରସ୍ତୁତ କରିଛୁ । ପୁଣି ମା ମାନଙ୍କ ସହିତ ପ୍ରତ୍ୟକ୍ଷ ରୂପେ ଯୋଗାଯୋଗ କରି ମଧ୍ୟ ପିଲାମାନଙ୍କ ତର୍‌ବିୟତ୍ ଓ ବିଶେଷ ରୂପେ ନମାଜକୁ ସ୍ଥାପନ କରିବା ସମ୍ବନ୍ଧରେ ଧ୍ୟାନ ଆକର୍ଷଣ କରାଯାଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତର୍‌ବିୟତ୍ ବତାଇଲେ ଯେ ଆମେ ନମାଜ ପଢ଼ିବା ପ୍ରସଙ୍ଗରେ ସର୍ଭେ କରିଛୁ କି ମୋଟ କେତେଜଣ ଲଜ୍‌ନା ନିୟମିତ ନମାଜ ପାଠ କରୁଛନ୍ତି । ସର୍ଭେ ମୁତାବକ ୬ ହଜାର୍ ମଧ୍ୟରୁ ୪୧୦୦ ଲଜ୍‌ନାଙ୍କ ଉତର ଆସିଥିଲା ଓ ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲଜ୍‌ନା ନମାଜ ପାଠ କରୁଛନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଏହା ତ ଲଜ୍‌ନା ମାନଙ୍କର ସଂଖ୍ୟା ବାକି ଘରର ସଦସ୍ୟମାନେ ଓ ପିଲାମାନଙ୍କ ସମ୍ବନ୍ଧରେ କଣ ରିପୋର୍ଟ୍ ଅଛି ଯେ ସେମାନେ ମଧ୍ୟ ନମାଜ ପଢୁଛନ୍ତି କି ? ଏଥିରେ ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ ବାଜମାତ୍ ନମାଜ ପଢ଼ିବା ହିସାବରେ ସଂଖ୍ୟା କମ୍ ଅଛି । ଆମର ଧାରଣା କେବଳ ୪୪ ପ୍ରତିଶତ ଲଜ୍‌ନା ନିଜ ନିଜ ଘରେ ବାଜମାତ୍ ନମାଜ ପାଠ କରୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଲଜ୍‌ନାମାନେ ନିଜ ପିଲାମାନଙ୍କୁ ନମାଜ ପଢ଼ିବା ପ୍ରତି କିପରି ଧ୍ୟାନ ଆକର୍ଷଣ କରାଉଛନ୍ତି ? ଏହା ମଧ୍ୟ ମାଆ ମାନଙ୍କର କର୍ତବ୍ୟ ଯେ ସେମାନେ ନିଜ ପିଲାମାନଙ୍କୁ ନମାଜ ପାଠ କରିବା ପାଇଁ ଅଭ୍ୟାସ କରାନ୍ତୁ । ଅତି କମ୍‌ରେ ତେର ଚଉଦ ବର୍ଷ ବୟସର ପିଲାମାନଙ୍କୁ ନମାଜ ପଢ଼ିବାକୁ କୁହନ୍ତୁ । ତା'ପରେ ସେମାନେ କିଛି ମାତ୍ରାରେ ସ୍ୱାଧିନ ହୋଇଯାଇଥାଆନ୍ତି । ତେବେ ଏ ପ୍ରସଙ୍ଗରେ କଣ ତର୍‌ବିୟତ୍ ବିଭାଗ କିଛି କାମ କରୁଛି କି ? ଏଥିରେ ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ ମାଆମାନଙ୍କ ମଧ୍ୟ ଧ୍ୟାନ ଆକର୍ଷଣ କରାଯାଉଛି ଯେ ସେମାନେ ତାଙ୍କ ପିଲାମାନଙ୍କୁ ନମାଜ ପଢ଼ିବା ପାଇଁ କୁହନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତବ୍‌ଲିଗ୍ ସାହିବା ନିଜର ରିପୋର୍ଟ୍‌କୁ ଉପସ୍ଥାପନ କରି କହିଲେ ଯେ ଏପର୍ଯ୍ୟନ୍ତ ଆମ ନିକଟରେ ୨୪ଜଣ ନୁଆ ଅହେମଦୀ ମହିଳା ଅଛନ୍ତି ଏବଂ ଇନ୍‌ଶାଅଲ୍ଲାଃ ଏହି ସଂଖ୍ୟା ଆଗକୁ ବଢ଼ିବ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତବ୍‌ଲିଗ୍ କହିଲେ କି ଉକ୍ତ ନୌ ମୁବାୟାତ୍ (ଅର୍ଥାତ୍ ନୁଆ ଅହେମଦୀ ମହିଳା)ଙ୍କ ସମ୍ବନ୍ଧ ଭିନ୍ନ ଭିନ୍ନ ଜାତି ଓ ଭିନ୍ନ ଭିନ୍ନ ଧର୍ମ ସହିତ ରହିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏ ହିଦାୟତ୍ ପ୍ରଦାନ କଲେ ଯେ ସେହି ନୌ ମୁବାୟାତ୍‌ଙ୍କ ବ୍ରେକ୍ ଡାଉନ୍ କରି,ସେମାନଙ୍କ ମଧ୍ୟରେ କେତେଜଣ ଆମେରିକୀୟ ଅଛନ୍ତି ଓ କେତେକଙ୍କ ସମ୍ବନ୍ଧ ଅନ୍ୟାନ୍ୟ ଜାତିମାନଙ୍କ ସହିତ ରହିଛି, ଏହି ଜାଣିବା କଥା ସେକ୍ରେଟାରୀ ନୌ ମୁବାୟାତ୍‌ଙ୍କୁ ଯୋଗାଇ ଦିଅନ୍ତୁ ଯଦ୍ୱାରା ସେହି ସେକ୍ରେଟାରୀ ନୌ ମୁବାୟାତ୍ ତାଙ୍କର ଅବସ୍ଥା ମୁତାବକ ତାଙ୍କ ତର୍‌ବିୟତ୍ ନିମନ୍ତେ ପ୍ରୋଗ୍ରାମ୍ ତିଆରି କରିପାରିବେ । ସେହି ନୌ ମୁବାୟାତ୍‌ଙ୍କ ମଧ୍ୟରେ, ଯଦି ସେମାନଙ୍କ ମଧ୍ୟରୁ କିଛି ଲୋକେ ମୁସଲ୍‌ମାନ୍‌ରୁ ଅହେମଦୀ ମୁସଲ୍‌ମାନ୍ ହୋଇଛନ୍ତି ବା ଇସାଇ ଧର୍ମରୁ ଆସି ଇସ୍‌ଲାମ୍ ଗ୍ରହଣ କରିଛନ୍ତି ବା ପ୍ରଥମେ ସେମାନେ ନାସ୍ତିକ ଥିଲେ ବା ଅନ୍ୟ କୌଣସି ଧର୍ମରୁ ଆସିଛନ୍ତି, ତେବେ ସେମାନଙ୍କର ଆବଶ୍ୟକତା ଓ ଅବସ୍ଥା ମୁତାବକ ସେମାନଙ୍କ ତର୍‌ବିୟତ୍ କରିବାର ବ୍ୟବସ୍ଥା କରାଯାଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତର୍‌ବିୟତ୍ ବରାଏ ନୌ ମୁବାୟାତ୍ (ନୂତନ ମହିଳା ଅହେମଦୀ ମାନଙ୍କ ତର୍‌ବିୟତ୍ ନିମନ୍ତେ ଥିବା ସେକ୍ରେଟାରୀ) କହିଲେ ଯେ ନୌ ମୁବାୟାତ୍‌ଙ୍କ ମଧ୍ୟରେ ଆରବୀୟ ମହିଳାମାନେ ମଧ୍ୟ ଅଛନ୍ତି, ପାକିସ୍ତାନୀ ଅଛନ୍ତି ଓ କେତେକଙ୍କ ସମ୍ବନ୍ଧ ଅନ୍ୟ ଜାତିମାନଙ୍କ ସହିତ ରହିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଆପଣଙ୍କ ଟିମ୍‌ରେ ଆରବୀ ଭାଷା ଜାଣିଥିବା କୌଣସି ମହିଳା ମଧ୍ୟ ସାମିଲ୍ ଅଛନ୍ତି କି ? ଏଥିରେ ସେକ୍ରେଟାରୀ ତର୍‌ବିୟତ୍ ନୌ ମୁବାୟାତ୍ କହିଲେ ଯେ ବର୍ତମାନ ତ ଆମ ଟିମ୍‌ରେ କୌଣସି ଆରବୀୟ ମହିଳା ନାହାଁନ୍ତି । ଭାଷା ପ୍ରସଙ୍ଗରେ ଆରବୀୟ ମହିଳାମାନଙ୍କ ସହିତ ଯୋଗାଯୋଗ କରିବାରେ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମୋ ଅନୁମାନ ମୁତାବକ ଏବେ ତ ପୁରୁଣା ଆରବୀୟ ଅହେମଦୀମାନେ ଯଥେଷ୍ଟ ଅଛନ୍ତି, ଯେଉଁମାନେ ଆପଣଙ୍କୁ ଏ ସମ୍ବନ୍ଧରେ ସାହାଯ୍ୟ କରିପାରିବେ । ଯଦି ଭାଷାଗତ ସମସ୍ୟା ନାହିଁ ତେବେ ମଧ୍ୟ ସାଂସ୍କୃତିକ ଫରକ ରହିଥାଏ । ତେଣୁ ଜଣେ ଆରବୀୟ ମହିଳା ଅଧିକ ଭଲ ଶୈଳୀରେ ଆରବୀୟ ନୌ ମୁବାୟାତ୍‌ଙ୍କର ଦେଖାଶୁଣା କରିପାରିବେ । କେବଳ ଭାଷା ହିଁ ଗୋଟିଏ ପ୍ରତିବନ୍ଧକ ନୁହେଁ ଆହୁରି ମଧ୍ୟ ଅନେକ କଥା ଦେଖିବାକୁ ପଡିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେକ୍ରେଟାରୀ ତବ୍‌ଲିଗ୍‌ଙ୍କ ଠାରୁ ପଚାରି ବୁଝିଲେ ଯେ ଚଳିତ ବର୍ଷ ଆପଣ ବୟତ କରିବାର କଣ ଟାର୍ଗେଟ୍ ରଖିଛନ୍ତି ? ଯେଉଁ ୨୪ ଜଣ ନୌ ମୁବାୟାତ୍‌ଙ୍କ ବିଷୟରେ ଆପଣ ବତାଇଲେ କଣ ସେମାନେ ଲଜ୍‌ନାମାନଙ୍କ ଜରିଆରେ ଅହେମଦୀ ହୋଇଛନ୍ତି ? ସେକ୍ରେଟାରୀ ତବ୍‌ଲିଗ୍ କହିଲେ ଯେ ଏ ବର୍ଷ ଆମର ପଚାଶ ରୁ ଷାଠିଏ ଜଣ ବୟତ୍ କରିବାର ଟାର୍ଗେଟ୍ ରହିଛି ଏବଂ ଉକ୍ତ ୨୪ ଜଣ ଲଜ୍‌ନାମାନଙ୍କ ମାଧ୍ୟମରେ ଅହେମଦୀୟତ୍ ଗ୍ରହଣ କରିବା ମହିଳା ଅଟନ୍ତି । କିନ୍ତୁ ମୁଁ ଏ ସଂକ୍ରାନ୍ତରେ ସେକ୍ରେଟାରୀ ତର୍‌ବିୟତ୍ ନୌ ମୁବାୟାତ୍‌ଙ୍କ ସହିତ କଥା ହୋଇଥିଲି ଯେ ଅନ୍ୟାନ୍ୟ ସଂଗଠନ ବା ଜମାତ୍ ଗୁଡିକ ତରଫରୁ ହୋଇଥିବା ବୟତ୍ ସମ୍ପର୍କରେ ମଧ୍ୟ ଜ୍ଞାନ ରହିବା ଉଚିତ୍ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଏବେ ତ ବର୍ଷ ଶେଷ ହେବାକୁ ଅଛି ଓ ଏବେ ଆପଣମାନେ ଯୋଜନା କରୁଛନ୍ତି । ଏବେ ତ ଆସନ୍ତା ଟର୍ମ୍ ପାଇଁ ଇଲେକ୍‌ସନ୍ ହେବ ଓ ତା'ପରେ ନୁଆ ଆମେଲା ଗଠନ ହେବ । ତେଣୁ ଆପଣ ଏକଥାକୁ ନୋଟ୍ କରି ନିଅନ୍ତୁ ଯଦି ଆପଣଙ୍କ ସ୍ଥାନରେ ଅନ୍ୟ କୌଣସି ସେକ୍ରେଟାରୀ ତବ୍‌ଲିଗ୍ ଆସନ୍ତି ସେତେବେଳେ ତାଙ୍କୁ ଏ ସଂକ୍ରାନ୍ତରେ ରେକୋମେଣ୍ଡ୍ କରନ୍ତୁ ।

ଏହାପରେ ସେକ୍ରେଟାରୀ ଖିଦ୍‌ମତେ ଖଲ୍‌କ୍ ନିଜର ରିପୋର୍ଟ୍ ପ୍ରଦାନ କରି ବତାଇଲେ ଯେ ଲଜ୍‌ନା ଇମାଇଲ୍ଲାଃ ଆମେରିକା ତରଫରୁ ଆଫ୍ରିକାରେ ଗୋଟିଏ ମଡେଲ୍ ଭିଲେଜ୍ ନିର୍ମାଣ କରିବାର ଯୋଜନା ରହିଛି ଓ ଏହି କାର୍ଯ୍ୟ ପାଇଁ ୭୫୦୦୦ ଆମେରିକୀୟ ଡଲାର୍ ଦିଆଯାଇଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବହୁତ ଭଲ କଥା । ମୁଁ ଅନ୍‌ସାରୁଲ୍ଲାଃଙ୍କୁ ମଧ୍ୟ ଲଜ୍‌ନାମାନଙ୍କ ଉଦାହରଣ ଦେଇ କହିଥିଲି ଯେ ଯଦି ଲଜ୍‌ନାମାନେ ମଡେଲ୍ ଭିଲେଜ୍ ପାଇଁ ଖର୍ଚ୍ଚ ବହନ କରିପାରୁଛନ୍ତି ତେବେ ଅନ୍‌ସାରୁଲ୍ଲାଃଙ୍କୁ ମଧ୍ୟ ଆବଶ୍ୟକ ଯେ କୌଣସି ଏ ବଡ ପ୍ରୋଜେକ୍ଟର ଖର୍ଚ୍ଚକୁ ବହନ କରନ୍ତୁ । ଏକଥା ମୁଁ ଆପଣମାନଙ୍କୁ ଏଥିପାଇଁ ବତାଉଛି ଯେ ଆପଣମାନେ ନିଜ ସ୍ୱାମୀମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ ।

ସେକ୍ରେଟାରୀ ଖିଦ୍‌ମତେ ଖଲ୍‌କ୍ ପୁଣି ତାଙ୍କର ଅନ୍ୟାନ୍ୟ ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ଆମେ ଏବର୍ଷ ଚାଳିଶି ହଜାର ଡଲାର୍ ଇଦ୍ ଅବସରରେ ପିଲାମାନଙ୍କୁ ଉପହାର ଦେବାପାଇଁ ଭେଟିଦେଇଛୁ ଓ ଆଠଜଣ ଲଜ୍‌ନାଙ୍କୁ "ଖଦିଜା ସ୍କଲାର୍‌ସିପ୍" ଦିଆଯାଇଛି, ଯଦ୍ୱାରା ସେମାନେ ନିଜର ଅଧ୍ୟୟନକୁ ସମ୍ପୂର୍ଣ୍ଣ କରିପାରିବେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ଖିଦ୍‌ମତେ ଖଲ୍‌କ୍ ବତାଇଲେ ଯେ ଚ୍ୟାରିଟି ଓ୍ୱାର୍କ୍‌ସ୍ ଏବଂ ମିନା ବଜାର ଜରିଆରେ ମଧ୍ୟ ତେର ହଜାର ଡଲାର୍‌ରୁ ଅଧିକା ଅର୍ଥ ହ୍ୟୁମାନିଟି ଫାର୍ଷ୍ଟ ସଂଗଠନକୁ ଦିଆଯାଇଛି । ଏତଦ୍‌ବ୍ୟତୀତ ବହୁତ ଲଜ୍‌ନା ପ୍ରତ୍ୟକ୍ଷ୍ୟ ରୂପେ ମଧ୍ୟ ହ୍ୟୁମାନିଟି ଫାର୍ଷ୍ଟ ନିମନ୍ତେ ଡୋନେସନ୍ ଦେଉଛନ୍ତି ।

ଏହାପରେ ସେକ୍ରେଟାରୀ ନାସିରାତ୍ ନିଜର ରିପୋର୍ଟ୍‌କୁ ଉପସ୍ଥାପନ କରି ବତାଇଲେ ଯେ ବର୍ତମାନ ସାରା ଆମେରିକାରେ ନାସେରାତ୍‌ଙ୍କ ସଂଖ୍ୟା ହେଉଛି ୧୦୧୫ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମୋ ମତରେ ଏହି ସଂଖ୍ୟା ଠିକ୍ ନୁହେଁ । ନାସେରାତ୍ ମାନଙ୍କ ସଂଖ୍ୟା ୧୦୧୫ ରୁ ଅଧିକା ହେବା ଉଚିତ୍ । ସେକ୍ରେଟାରୀ ନାସେରାତ୍ କହିଲେ ଯେ ହଜୁର୍ ଅନୁଓ୍ୱର୍ ଠିକ୍ କହିଛନ୍ତି । କାରଣ ବହୁତ ଗୁଡିଏ ନୂଆ ଫ୍ୟାମିଲି ଆସିଛନ୍ତି ଏବଂ ସେମାନଙ୍କ ସଂଖ୍ୟା ମଧ୍ୟ ଜଣାନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ ସେକ୍ରେଟାରୀ ତଜନିଦ୍‌ମାନଙ୍କୁ ଏହା ଉଚିତ୍ ହେବ କି ସେମାନେ ଘର ଘର ଯାଇ ତଜ୍‌ନିଦ୍ ସଂକ୍ରାନ୍ତରେ ରିପୋର୍ଟ୍ ହାସଲ କରନ୍ତୁ । ଏହି

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂତ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ତଜନିଦ୍ କାର୍ଯ୍ୟ ତୃଣମୂଳ ସ୍ତରରୁ ହେବା ଉଚିତ୍ । ମହିଳାମାନେ ତ ଅନ୍ୟ ମହିଳାମାନଙ୍କ ଘର ଭିତରକୁ ମଧ୍ୟ ଯାଇପାରିବେ । ଯେବେ କି ପୁରୁଷମାନେ ଘର ଭିତରକୁ ଯାଇପାରୁନାହାଁନ୍ତି । ସେଥିଯୋଗୁ ଲଜ୍ନାଙ୍କ ନିକଟରେ ତଜ୍ନିଦ୍ ସମ୍ବନ୍ଧରେ ଅଧିକ ତଥ୍ୟ ରହିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମୋତେ ହୋସ୍ଟନ୍‌ଠାରେ ଏକଥା ବତାଯାଇଥିଲା ଯେତେବେଳେ ଲୋକମାନଙ୍କୁ ମୋର ଆମେରିକା ଆସିବା ସମ୍ବନ୍ଧରେ ଜଣାପଡିଲା ସେତେବେଳେ ବହୁ ସଂଖ୍ୟକ ଲୋକେ ସାକ୍ଷାତ୍‌କାର୍ କରିବା ପାଇଁ ଦରଖାସ୍ତ ଦେବା ଆରମ୍ଭ କରିଦେଲେ ଓ ସେମାନଙ୍କୁ ତାଙ୍କ ଜମାତ୍ ଗୁଡିକର ନାମ ଜଣା ନଥିଲା । ସେହିପରି ଫ୍ୟାମିଲି ମାନଙ୍କର ଏକ ବହୁତ ବଡ ସଂଖ୍ୟା ଥିଲା ଯେଉଁମାନଙ୍କର ଜମାତ୍ ସହିତ ଯୋଗାଯୋଗ ହୋଇଛି । ତେଣୁ ଲଜ୍ନାମାନେ ବହୁତ ଉତମ ରୂପେ ତଜନିଦ୍ ଡିପାର୍ଟ୍‌ମେଂଟ୍‌କୁ ସାହାଯ୍ୟ କରିପାରିବେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମୋର ଏ ଧାରଣା ଯେ ଆପଣ ହାଲୋଓ୍ୱିନ୍ ଇତ୍ୟାଦି ସମ୍ବନ୍ଧରେ ନାସେରାତ୍‌ଙ୍କୁ ବତାଇବା ପାଇଁ କୌଣସି ପ୍ରୋଗ୍ରାମ୍ ଅନୁଷ୍ଠିତ କରିନାହାଁନ୍ତି । କାରଣ ଓ୍ୱାକିଫାତେ ନୌଙ୍କ ସହିତ ଅନୁଷ୍ଠିତ ହୋଇଥିବା କ୍ଲାସ୍ ଗୁଡିକରେ ବହୁତ ଗୁଡିଏ ଝିଅପିଲାଙ୍କୁ ଏ ସମ୍ବନ୍ଧରେ କିଛି ଜଣା ନଥିଲା । ସେମାନେ ମୋ ଠାରୁ ପଚାରି ବୁଝୁଥିଲେ । ଅସଲ କଥା ଏହା ହେଉଛି କି ତୃଣମୂଳ ସ୍ତରରେ ଯାଇ କାମ ହେଉନାହିଁ ।

ଏହାପରେ ମାଉନା ସଦର୍ (ଅର୍ଥାତ୍ ସଦର୍‌ଙ୍କ ସହଯୋଗୀ) ବତାଇଲେ ଯେ ତାଙ୍କୁ ମିଡିଆ ଓ୍ୱାଚ୍ କାର୍ଯ୍ୟ ଦିଆଯାଇଛି । ଆମେ ଲଜ୍ନାମାନଙ୍କର ଧ୍ୟାନ ଆକର୍ଷଣ କରାଉଛୁ ଯେ ସେମାନେ ଖବରକାଗଜ ଓ ପତ୍ରିକା ଗୁଡିକରେ ଚିଠି ଏବଂ op-eds ଲେଖନ୍ତୁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିଲେ ଯେ ଏପର୍ଯ୍ୟନ୍ତ କେତେଜଣ ଲଜ୍ନା ଚିଠି ଏବଂ op-eds ଲେଖି ପଠାଇଛନ୍ତି ? ଏଥିରେ ମାଉନା ସଦର୍ କହିଲେ ଯେ ପଛ ବର୍ଷ ୫୮ ଜଣ ଲଜ୍ନା ୧୦୯ ଟି ଚିଠି ଓ ନିବନ୍ଧ ଲେଖିଥିଲେ । ଏହାକୁ ଆହୁରି ଅଧିକ ଭଲ କରିବା ପ୍ରସଙ୍ଗରେ ଆମେ କାମ କରୁଅଛୁ ଓ ଏବେ ଆମେ ପ୍ରତ୍ୟେକ ମାସ କ୍ୟାମ୍ପେନିଙ୍ଗ୍ କରୁଛୁ । ଯେମିତି ନଭେମ୍ବର୍ ମାସରେ ଥ୍ୟାଙ୍କ୍‌ସ୍ ଗିଭିଙ୍ଗ୍ ପ୍ୟାରେଡ୍ ଅଛି, ଏ ପ୍ରସଙ୍ଗରେ ଇସ୍‌ଲାମ୍‌ରେ ଥ୍ୟାଙ୍କ୍‌ସ୍ ଗିଭିଙ୍ଗ୍‌ର ସ୍ୱରୂପ ସମ୍ବନ୍ଧରେ ବିଷୟ ବସ୍ତୁମାନ ଲେଖିବା ପାଇଁ ତେହ୍‌ରିକ୍ କରାଯାଇଛି । ସେହିପରି ବିଭିନ୍ନ ସାମୟିକ ବିଷୟବସ୍ତୁ ଏବଂ ସମସ୍ୟାର ଆଲୋକରେ ମଧ୍ୟ ତେହ୍‌ରିକ୍ କରାଯାଉଛି ।

ସେକ୍ରେଟାରୀ ଇଶାଅତ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ଆମର ତ୍ରୟୋମାସିକ ପତ୍ରିକାର ଡିଜିଟାଲ୍ ସଂସ୍କରଣ ସମସ୍ତ ଲଜ୍ନାମାନଙ୍କୁ ପଠାଯାଉଛି । ଏହାକୁ ରେକର୍ଷ ରଖିବା ପାଇଁ ଅଳ୍ପ ସଂଖ୍ୟାରେ ପ୍ରିଂଟ୍ ମଧ୍ୟ କରାଯାଉଛି ।

ଏହାପରେ ସେକ୍ରେଟାରୀ ସିହତ୍ ଓ୍ୱ ଜିସ୍‌ମାନି (ଅର୍ଥାତ୍ ସ୍ୱାସ୍ଥ୍ୟ ବିଭାଗ) ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ ଯେ ବର୍ତମାନ ୨୫ ପ୍ରତିଶତ ଲଜ୍ନା ବ୍ୟାୟାମ୍ କରୁଛନ୍ତି । ଆମେ ଏବେ ଜମାତ୍ ପ୍ରୋଗ୍ରାମ୍ ଗୁଡିକରେ ଓ ମିଟିଙ୍ଗ୍ ଗୁହିକରେ ବ୍ୟାୟାମ୍ କରିବା ପ୍ରତି ଜୋର୍ ଦେବା ଆରମ୍ଭ କରିଛୁ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତଜ୍‌ନିଦ୍ କହିଲେ ଯେ ସେ ତଜନିଦ୍ ସଂକ୍ରାନ୍ତରେ ସନ୍ତୁଷ୍ଟ ନୁହଁନ୍ତି କିନ୍ତୁ ଏବେ ଲୋକାଲ୍ ତଦନିଦ୍ ସେକ୍ରେଟାରୀମାନଙ୍କର ଜରିଆରେ ଚେଷ୍ଟା କରୁଛନ୍ତି । କିଛି ମଜ୍‌ଲିସ୍‌ର ସ୍ଥାନୀୟ ସେକ୍ରେଟାରୀମାନେ ଆକ୍ଟିଭ୍ ନାହାଁନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦର୍ ଲଜ୍‌ନାକୁ ସମ୍ବୋଧନ କରି କହିଲେ ଯେ ତଜନିଦର ସେକ୍ରେଟାରୀମାନେ ହୁଅନ୍ତୁ ବା ଅନ୍ୟ କୌଣସି ବିଭାଘର କୌଣସି ସେକ୍ରେଟାରୀ ହୁଅନ୍ତୁ ଯଦି ସେମାନେ କର୍ମଠ ନୁହଁନ୍ତି ଓ ନିଜ ନିଜର ଦାୟିତ୍ୱ ସମ୍ପାଦନ କରୁନାହାଁନ୍ତି ତେବେ ଆପଣଙ୍କର ଏ ଅଧିକାର ଅଛି ଯେ ଏପରି ସେକ୍ରେଟାରୀମାନଙ୍କୁ ପରିବର୍ତନ କରିପାରିବେ ଓ ସେମାନଙ୍କ ସ୍ଥାନରେ ଏପରି ଲଜ୍ନାମାନଙ୍କୁ ନେଇ ଆସିବେ ଯେଉଁମାନେ କର୍ମଠ ଥିବେ । ଅତିକମ୍‌ରେ ଆପଣଙ୍କ ନିକଟରେ ସମ୍ପୂର୍ଣ୍ଣ ଜ୍ଞାନ ତ ରହିବା କଥା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତଜନିଦ୍ ବତାଇଲେ ଯେ ବର୍ତମାନ ଲଜ୍ନାମାନଙ୍କ ମୋର ତଜନିଦ୍ ହେଉଛି ୬୨୯୧ । କିନ୍ତୁ ଆମ ନିକଟରେ ବୟତ ମୁତାବକ ତଜନିଦ୍‌ର ବ୍ରେକ୍ ଡାଉନ୍ ନାହିଁ ।

ମାଉନା ସଦର୍ ବରାଏ ଓ୍ୱାକିଫାତେ ନୌ ନିଜର ରିପୋର୍ଟ୍‌କୁ ଉପସ୍ଥାପନ କରି ବତାଇଲେ ଯେ ବର୍ତମାନ ଆମ ନିକଟରେ ୬୧୧ ଜଣ ଓ୍ୱାକିଫାତେ ନୌ ଅଛନ୍ତି । ସେମାନଙ୍କ ମଧ୍ୟରୁ ୩୧୧ ଜଣ ୧୫ ବର୍ଷରୁ ଅଧିକା ବୟସର ଅଟନ୍ତି । ୨୪୧ଜଣ ୧୮ବର୍ଷରୁ ଅଧିକା । ଏମାନେ ସମସ୍ତେ ନିଜ ଓ୍ୱକ୍‌ଫ୍‌ର ଚୁକ୍ତିକୁ ତଜ୍‌ଦିଦ୍ କରିସାରିଛନ୍ତି । ହଜୁର୍ ଅନୁଓ୍ୱର୍‌ଙ୍କ ପଚାରିବାରେ ମାଉନା ସାହିବା କହିଲେ ଯେ ଆମେ ସଦର୍ ଲଜ୍ନା ଏବଂ ସେକ୍ରେଟାରୀ ଓ୍ୱକ୍‌ଫେ ନୌଙ୍କୁ ରିପୋର୍ଟ୍ ପଠାଉଛୁ । ସେମାନେ ପୁଣି ଆଗକୁ ମର୍କଜ ପଠାଉଛନ୍ତି ।

ଏହାପରେ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍ (ହସ୍ତଶିଳ୍ପ ଓ ବାଣିଜ୍ୟ) ନିଜର ରିପୋର୍ଟ୍ ପେସ୍ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଏବେ ଏବେ ବହୁତ ଇମିଗ୍ରାଂଟ୍‌ସ୍ ଆସିଛନ୍ତି ଏବଂ ଭାଷା ନଜାଣିବା ଓ ଏହିପରି ଅନ୍ୟାନ୍ୟ ସମସ୍ୟା ଯୋଗୁ ରୋଜଗାର ନ ମିଳିବା ହେତୁ ତାଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆପଣଙ୍କୁ ଏ ପ୍ରସଙ୍ଗରେ ଡାଟା ବା ତଥ୍ୟ ଏକାଠି କରିବା ଉଚିତ୍ ଓ ପୁଣି ଉକ୍ତ ତଥ୍ୟ ମୁତାବକ କୌଣସି ନା କୌଣସି ପ୍ରୋଗ୍ରାମ୍ ପ୍ରସ୍ତୁତ କରି ସେମାନଙ୍କୁ ଦିଅନ୍ତୁ । ତାଙ୍କୁ ସିଲାଇ ଓ ବୁଣାବୁଣି ଇତ୍ୟାଦି କାର୍ଯ୍ୟ ଶିଖାଇବା ବା ଏ ସମ୍ବନ୍ଧରେ ସେମାନଙ୍କୁ ସାହାଯ୍ୟ କରାଯାଇପାରେ । ତାଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଗୁଡିକୁ ମାର୍କେଟିଙ୍ଗ୍ କରି ତାଙ୍କୁ ତାହାର କିଛି ଭାଗ ଦିଆଯାଇପାରେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏ ସଂକ୍ରାନ୍ତରେ ଆପଣମାନଙ୍କ ନିକଟରେ ଡାଟା ମଧ୍ୟ ରହିବା ଉଚିତ୍ ଯେ କେତେଜଣ ଲଜ୍ନାଙ୍କା ସଦସ୍ୟମାନଙ୍କ ତରଫରୁ ରୋଜଗାର ସମ୍ବନ୍ଧୀୟ ସାହାଯ୍ୟ କରାଯାଇଛି ।

ସେକ୍ରେଟାରୀ ଉମୁରେ ତାଲିବାତ୍ (ଛାତ୍ରୀଙ୍କ ଶିକ୍ଷାଗତ ତଥ୍ୟ) ନିଜ ବିଭାଗର ରିପୋର୍ଟ୍ ଉପସ୍ଥାପନ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଏହା ହେଉଛି ଏକ ନୁଆ ବିଭାଗ । ପୁଣି କହିଲେ ଯେ କଣ ଆପଣମାନଙ୍କ ନିକଟରେ ଏ ତଥ୍ୟ ରହିଛି କି କେତେଜଣ ଛାତ୍ରୀ ହାଇସ୍କୁଲ୍‌ରେ ଅଧ୍ୟୟନ କରୁଛନ୍ତି, କେତେଜଣ କଲେଜ୍‌ରେ ଅଛନ୍ତି, କେତେଜଣ ୟୁନିଭର୍‌ସିଟିରେ ପାଠ ପଢୁଛନ୍ତି ଏବଂ କେତେଜଣ ଅନ୍ୟାନ୍ୟ ପେଶାଗତ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରୁଛନ୍ତି ? ଏଥିରେ ସେକ୍ରେଟାରୀ ଉମୁରେ ତାଲିବାତ୍ କହିଲେ ଯେ ଆମେ ଏବେ ଏବେ ସର୍ଭେ କରିସାରିଛୁ ଯାହାର ଉତର ୩୬୯ ଲୋକ ଦେଇଛନ୍ତି ଓ ଏବେ ଆହୁରି ଅଧିକ ଡାଟା ଏକାଠି କରୁଛୁ । ବର୍ତମାନ ୭ଟି ଚାପ୍‌ଟର୍ ରହିଛି ଯେଉଁଠି AMSA କାର୍ଯ୍ୟ କରୁଅଛି । ଏବେ ଆହୁରି ଅନେକ ଜମାତ୍ ଗୁଡିକରେ ମଧ୍ୟ ଏହାକୁ ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟ ଚାଲୁ ରହିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ଉମୁରେ ତାଲିବାତ୍ ବତାଇଲେ ଯେ AMSA ନିଜ ନିଜ ୟୁନିଭର୍‌ସିଟିରେ ତବ୍‌ଲଗ୍ କରୁଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା- ୦୭ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 05 Sep 2019 Issue No. 36

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୩୧ ଅକ୍ଟୋବର ୨୦୧୮ (ବୁଧବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଠିକ୍ ୬:୩୦ ସମୟରେ ମସ୍‌ଜିଦ୍ ବଇତୁର୍ ରହେମାନ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଚିଠିପତ୍ର ଏବଂ ରିପୋର୍ଟ୍‌ସ୍ ଇତ୍ୟାଦି ନିରୀକ୍ଷଣ କଲେ ଓ ସେ ସବୁରେ ହିଦାୟତ୍ ପ୍ରଦାନ କଲେ । ଏହିପରି ବିଭିନ୍ନ ଦଫ୍‌ତରି କାର୍ଯ୍ୟକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଇଂଟର୍ ନ୍ୟାସ୍‌ନାଲ୍ ରିଲିଜିୟସ୍ ଫ୍ରିଡମ୍ ଆମେରିକାର ଆମ୍ବାସେଡର୍‌ଙ୍କ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୧୦ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମିଟିଂ ରୁମ୍‌ରେ ପଦାର୍ପଣ କଲେ, ଯେଉଁଠି ଇଂଟର୍ ନ୍ୟାସ୍‌ନାଲ୍ ରିଲିଜିୟସ୍ ଫ୍ରିଡମ୍ ଆମେରିକାର ଆମ୍ବାସେଡର୍ Sam Brownback ସାହେବ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ ନିମନ୍ତେ ଆସି ପହଂଚିଥିଲେ । ତାଙ୍କ ସହିତ ତାଙ୍କର ଜଣେ ନିକଟତମ ବନ୍ଧୁ Richard Simmons ଏବଂ ତାଙ୍କ ଷ୍ଟାଫ୍ ଏବଂ ଦୁଇଜଣ ସଦସ୍ୟ Sameer Hossein ଏବଂ Howard Chuang ସାହେବ୍ ମଧ୍ୟ ଉପସ୍ଥିତ ଥିଲେ ।

ଆମ୍ବାସେଡର୍ ସାହେବ୍ ବତାଇଲେ ଯେ ତାଙ୍କୁ ଏକଥା ବହୁତ ଖୁସି ଲାଗିଲା ଯେ ୟୁ.ଏସ୍ ଷ୍ଟେଟ୍ ଡିପାର୍ଟମେଂଟ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସମ୍ପୂର୍ଣ୍ଣ Port Courtesies ଯୋଗାଇ ଦେଇଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଚରମପନ୍ଥୀ ଓ କଠୋରପନ୍ଥୀଙ୍କ ବିରୋଧରେ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଅଟନ୍ତି । ତେଣୁ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଯାହା ମଧ୍ୟ Courtesies ମିଳିଛି ତାହା ହଜୁର୍ ଅନୁଓ୍ୱର୍‌ଙ୍କ ପଦମର୍ଯ୍ୟାଦା ମୁତାବକ ।

ଏହାପରେ ଆମ୍ବାସେଡର୍ ସାହେବ୍ ପାକିସ୍ତାନ୍‌ରେ ଅହେମଦୀମାନଙ୍କ ପର୍ସିକ୍ୟୁସନ୍ ସମ୍ବନ୍ଧରେ କଥାହେଲେ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- "ପାକିସ୍ତାନ୍ ଏବଂ ମାଲେସିୟାରେ ତ ଆମ ଖିଲାଫ୍ କାନୁନ୍ ତିଆରି ହୋଇଛି । ସେଠାରେ ଆମେ ଆମ ଧର୍ମକୁ ପରିପ୍ରକାଶ କରିପାରିବୁ ନାହିଁ । ସେହିପରି ବଙ୍ଗଳାଦେଶ, ଇଣ୍ଡୋନେସିଆ ଏବଂ ମିଡିଲ୍ ଇଷ୍ଟ୍ (ମଧ୍ୟପ୍ରାଚ୍ୟ) ଦେଶଗୁଡିକରେ ମଧ୍ୟ ଆମକୁ ବିରୋଧ କରାଯାଉଛି । ଧର୍ମର ପରିପ୍ରକାଶ କରିବା ଦ୍ୱାରା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଇସ୍‌ଲାମୀୟ ସରିୟତ୍‌ରେ ଇର୍ତେଦାଦ୍ (ଅର୍ଥାତ୍ ଧର୍ମ ବହିଷ୍କାର କରିବା) ସମ୍ବନ୍ଧରେ କୌଣସି କାନୁନ୍ ନାହିଁ । ଯେଉଁମାନେ ଏ ସନ୍ଦର୍ଭରେ କହୁଛନ୍ତି କି ଏହାର ଦଣ୍ଡ ହେଉଛି ଏହା ବୋଲି ସେମାନେ ନିଜ ତରଫରୁ ନିଜର ବ୍ୟାଖ୍ୟା ମୁତାବକ ଏକଥା କହୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅବ୍‌ଦୁଲ୍ ଶକୁର୍ ସାହେବଙ୍କ ଜେଲ୍ ଦଣ୍ଡ ସମ୍ବନ୍ଧରେ ଚର୍ଚ୍ଚା କରି କହିଲେ ଯେ ତାଙ୍କର ବୟସ ହେଉଛି ୮୨ ଓ ତାଙ୍କୁ ଏତିକି କଥାରେ ଗିରଫ କରାଗଲା ଯେ ସେ ଅହେମଦୀ ମାନଙ୍କ ତର୍ବିୟତ୍ ନିମନ୍ତେ କିଛି ପୁସ୍ତକ ନିଜ ଦୋକାନରେ ରଖିଥିଲେ । Anti Terrorist Police ଅସ୍ତ୍ରଶସ୍ତ୍ର ଧରି ତାଙ୍କ ଦୋକାନ ଉପରେ ଚଢ଼ଉ କଲେ ଓ ସନ୍ତ୍ରାସବାଦ କାର୍ଯ୍ୟକଳାପ କରୁଥିବା ଆରୋପ ଲଗାଇ ତାଙ୍କୁ ଗିରଫ୍ କଲେ ଓ ଜେଲ୍ ଦଣ୍ଡ ଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଧର୍ମ ହେଉଛି ମନୁଷ୍ୟର ହୃଦୟର କଥା । ଜଣେ ମନୁଷ୍ୟ ଯାହା କିଛି ମାନୁଛି ତାହାର ସମ୍ବନ୍ଧ ତା ମନ ସହିତ ଅଛି । ଅନ୍ୟ କୌଣସି ବ୍ୟକ୍ତି କିପରି ଏହା କହିପାରିବ କି ତୁମର ଯେଉଁ ବିଶ୍ୱାସ ଅଛି, ଯେଉଁ ଦାବି ଅଛି, ଯାହା ତୁମ ମନ ଭିତରେ ଅଛି ତୁମେ ତା ଉପରେ ବିଶ୍ୱାସ ରଖୁନାହଁ, ଅନ୍ୟ କୌଣସି ବ୍ୟକ୍ତି ଏହା କଦାପି କହିପାରିବ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପାକିସ୍ତାନ୍‌ରେ ମୁଲା ମାନଙ୍କ ପଲିଟିକାଲ୍ ଭାଲ୍ୟୁ ନାହିଁ । ଷ୍ଟ୍ରିଟ୍ ଭାଲ୍ୟୁ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ୧୯୯୯ ମସିହାରେ ମୁଁ ମଧ୍ୟ ଦଶ ଏଗାର ଦିନ ପାଇଁ ଜେଲ୍‌ରେ ରହିଛି । ସେହି କାନୁନ୍ ଅନ୍ତର୍ଗତ ଯାହାକୁ ପାକିସ୍ତାନ୍ ସର୍‌କାର୍ ଅତ୍ୟାଚାର ମୂଳକ ଅହେମଦୀ ମାନଙ୍କ ଖିଲାଫ୍‌ରେ ତିଆରି କରିଛି ।

ପାକିସ୍ତାନ୍‌ରେ ଅହେମଦୀ ମାନଙ୍କ ଭୋଟ୍ ଦେବାର ଅଧିକାର ସମ୍ବନ୍ଧରେ କଥା ହେଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଆମକୁ ଭୋଟ୍ ଦେବାର ଅଧିକାର ଦିଆଯାଇନାହିଁ । ଆମ୍ଭପାଇଁ ସେମାନେ ଏ ସର୍ତ୍ତ ରଖିଛନ୍ତି କି ପ୍ରଥମେ ନିଜକୁ ଅଣ ମୁସ୍‌ଲିମ୍ ବୋଲାଅ ଏବଂ ମୁସଲ୍‌ମାନ୍‌ଙ୍କ ସଦୃଶ କାର୍ଯ୍ୟ କରନାହିଁ, ତେବେ ପୁଣି ତୁମକୁ ଭୋଟ ଦେବାର ଅଧିକାର ଦିଆଯିବ ।

ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ସର୍ବପ୍ରଥମେ ତ ସରକାରଙ୍କୁ ଆବଶ୍ୟକ କି ସେ ଅହେମଦୀମାନଙ୍କୁ ଭୋଟ ଦେବାର ହକ୍ ଦିଅନ୍ତୁ । ତତ୍‌କ୍ଷଣାତ୍ Blasphemy Law ର ନିଃଶେଷ ଅବଶ୍ୟ ନହେଉ କିନ୍ତୁ ଅହେମଦୀମାନଙ୍କୁ ଭୋଟ ଦେବାର ହକ୍ ଯଥାଶିଘ୍ର ମିଳିବା ଉଚିତ୍ ।

ଆମ୍ବାସେଡର୍ ବ୍ରାଉନ୍‌ବ୍ୟାକ୍ ସାହେବ୍ ଏକଥା ପଚାରି ବୁଝିଲେ ଯେ ଅନ୍ୟ ସୁନ୍ନି ମୁସଲ୍‌ମାନ୍‌ମାନେ ଅହେମଦୀମାନଙ୍କୁ ଏତେ ମାତ୍ରାରେ ଘୃଣା କାହିଁକି କରୁଛନ୍ତି ? ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଆମେ ଏ ବିଶ୍ୱାସ ରଖିଛୁ ଯେ ନବୀ କରିମ୍ ସ:ଆ:ସ ହେଉଛନ୍ତି ଶେଷ ନବୀ ଏବଂ ପବିତ୍ର କୋରାନ୍ ହେଉଛି ଶେଷ ପୁସ୍ତକ । ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟ ବାଣି କରିଥିଲେ ଯେ ଶେଷ ଯୁଗରେ ମସିହ୍ ଏବଂ ମେହ୍‌ଦୀ ଆସିବ ଏବଂ ଇସ୍‌ଲାମ୍‌ର ପୁନର୍ବିନ୍ୟାସ କରିବ । ସେହି ସୁନ୍ନି ମୁସଲ୍‌ମାନ୍ ମାନଙ୍କ ବିଶ୍ୱାସ ହେଉଛି ଏହା କି ମସିହ୍ (ଅର୍ଥାତ୍ ଯିଶୁଖ୍ରୀଷ୍ଟ) ଆକାଶରେ ବିରାଜମାନ ଅଛନ୍ତି ଓ ସେ ଆକାଶରୁ ଆସିବେ । କିନ୍ତୁ ଆମେ କହୁଅଛୁ ଯେ ମସିହ୍ ଆକାଶରେ ଜିବୀତ ନାହାଁନ୍ତି ବରଂ ମୃତ୍ୟୁବରଣ କରିସାରିଛନ୍ତି ଓ ଆକାଶରୁ କେହି ଆସିବେ ନାହିଁ । ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ ଯେବେ ମସିହ୍ ଆସିବେ ସେତେବେଳେ ତାଙ୍କ ଉପାଧି ନବୀ ହେବ । ଅନ୍ୟ ମୁସଲ୍‌ମାନ୍‌ମାନେ କହୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ଶେଷ ନବୀ । ସେଥିପାଇଁ ତାଙ୍କ ପରେ ଏବେ କୌଣସି ନବୀ ଆସିପାରିବେ ନାହିଁ । କିନ୍ତୁ ଏକଥାକୁ ସେମାନେ ମାନୁଛନ୍ତି ଯେ ଯଦି ମସିହ୍ ଆକାଶରୁ ଆସନ୍ତି ତେବେ ସେ ନବୀ ହେବେ । କିନ୍ତୁ ଏହି ଆକାଶରୁ ଆସିବାକୁ ଥିବା ମସିହ୍‌ଙ୍କ ବ୍ୟତୀତ ଯଦି ଅନ୍ୟ କୌଣସି ବ୍ୟକ୍ତି ଏ ଦାବୀ କରେ ଯେ ଖୁଦାତାଲା ତାଙ୍କୁ ପଠାଇଛନ୍ତି ବୋଲି ଏବଂ ସେ ନବୀ ଅଟନ୍ତି ବୋଲି ତେବେ ଏହା ତାଙ୍କ ମୁତାବକ ଭୁଲ୍ ଅଟେ । ଆମେ ଏକଥା କହୁଛୁ ଯେ ଆପଣମାନେ ଅଲ୍ଲାଃତାଲାଙ୍କ ବିଶେଷ ଗୁଣକୁ ଶେଷ କରିପାରିବେ ନାହିଁ । ସେ କାହାକୁ ନବୀର ଉପାଧି ଦେଇ ପଠାଇପାରିବେ । ଏକଥା ସ୍ୱଷ୍ଟ ଅଟେ ଯେ ସେ ନୁଆ ଶରୀୟତ୍ ଆଣିପାରିବେ ନାହିଁ । ସେ ନବୀ କରିମ୍ ସ:ଆ:ସଙ୍କ ଶରୀୟତ୍ ଅନ୍ତର୍ଗତ ନବୀ ହୋଇ ଆସିପାରିବେ ।

ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ଏହି ଦାବୀ କରିଛନ୍ତି କି ସେ ମସିହ୍ ଅଟନ୍ତି ଓ ମେହ୍‌ଦୀ ଅଟନ୍ତି । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶରିୟତ୍ ଅନ୍ତର୍ଗତ ନବୀ ଅଟନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଏହି ଭବିଷ୍ୟବାଣୀ କରିଥିଲେ କି ଆସିବାକୁ ଥିବା ମସିହ୍ ଆପଣ ସ:ଆ:ସଙ୍କ ଉମ୍ମତ୍‌ରେ ଅର୍ଥାତ୍ ସମ୍ପ୍ରଦାୟରେ ଆସିବେ ଓ ଇସ୍‌ଲାମ୍‌ର ପୁନର୍ବିନ୍ୟାସ କରିବେ । ତରଓ୍ୱାରିର ଜିହାଦ୍ ପରିବର୍ତେ ଇସ୍‌ଲାମୀୟ ଶିକ୍ଷା ଜରିଆରେ ଶାନ୍ତିର ପ୍ରସାର ପ୍ରଚାର କରିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏଇଥିପାଇଁ ସେମାନେ ଆମକୁ ଇସ୍‌ଲାମ୍‌ର ପରିଧିରୁରୁ ବାହାର କରିଛନ୍ତି କି ତୁମେ ନବୀକୁ ମାନୁଛ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସବୁ ଧର୍ମର ଲୋକମାନେ ଏ ଅପେକ୍ଷାରେ ଅଛନ୍ତି କି କେହି ଜଣେ ସୁଧାରକ ଆସିବେ । ଆମର ଏ ବିଶ୍ୱାସ ଅଛି ଯେ ସମସ୍ତ ନବୀମାନଙ୍କ ଭବିଷ୍ୟବାଣୀ ମୁତାବକ ଶେଷ ଯୁଗରେ ଯାହାଙ୍କୁ ଆସିବାର ଥିଲା ସେ ଆସିସାରିଛନ୍ତି ଓ ଶେଷ ଯୁଗରେ କେବଳ ଜଣକୁ ହିଁ ଆସିବାର ଥିଲା ଏବଂ ସେ ସମସ୍ତଙ୍କୁ ଗୋଟିଏ ହାତରେ ଏକତ୍ରିତ କରିବାର ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଜ୍‌ରତ୍ ଇସା ଆ:ସ ଯେବେ ଦାବୀ କଲେ ସେତେବେଳେ ବନି ଇସ୍‌ରାଇଲ୍ କହିଥିଲେ ଯେ ଆମେ ଆପଣଙ୍କୁ କେମିତି ମାନିନେବୁ ଯେବେ କି ପୁସ୍ତକ ଗୁଡିକରେ ଲେଖାହୋଇଛି ଯେ ମସିହ୍‌ଙ୍କ ପୂର୍ବରୁ ଇଲିୟା ନବୀ ଆସିବେ । କିନ୍ତୁ ଏପର୍ଯ୍ୟନ୍ତ ଇଲିୟା ଆସିନାହାଁନ୍ତି । ଏଥିରେ ଆପଣ ଆ:ସ ଉତର ଦେଲେ ଯେ ଯିଏ ହେଉଛନ୍ତି ଇଲିୟା, ସେ ହିଁ ହେଉଛନ୍ତି ୟାହ୍‌ୟା । ଯଦି ମାନିବାକୁ ଚାହୁଁଛି ତେବେ ମାନିନିଅ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପ୍ରତ୍ରେକ ଧର୍ମରେ କିଛି ଏପରି କଥା, ଏପରି ଶିକ୍ଷା ଓ ଏପରି କିଛି ଇସ୍ତେଆରେ (ଅର୍ଥାତ୍ ବ୍ୟାଖ୍ୟା ମୂଳକ କଥା) ରହିଛି ଯାହାର ବ୍ୟାଖ୍ୟା ବିଭିନ୍ନ ଦୃଷ୍ଟିକୋଣରୁ କରାଯାଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମନୁଷ୍ୟ ହୋଇଥିବା ଯୋଗୁ ଆମେ ଅନ୍ୟଙ୍କର ସମ୍ମାନ କରିବା ଉଚିତ୍ । ସବୁ ଧର୍ମରେ ଗୋଟିଏ କଥା ସାଧାରଣ ଅର୍ଥାତ୍ ଏକା । ଯାହା ଆଧାରରେ ଆମେ ସମସ୍ତେ ଏକତ୍ରିତ ହୋଇପାରିବା । ଅଲ୍ଲାଃତାଲା ପବିତ୍ରକୋରାନ୍‌ରେ କହୁଛନ୍ତି:- ***ତାଆଲୁ ଇଲା କଲିମତିନ୍ ସଓ୍ୱାଇନ୍ ବୈନନା ଓ୍ୱ ବୈନକୁମ୍*** ଅର୍ଥାତ୍ ଆସ ଆମେ ସେହି ଗୋଟିଏ କଥାରେ ଏକାଠି ହୋଇଯିବା ଯାହା ଆମ ଓ ତୁମ ମଧ୍ୟରେ ଏକ ଅଟେ ଏବଂ ତାହା ହେଉଛି ଇଶ୍ୱରଙ୍କ ଅସ୍ତିତ୍ୱ । ଆମ ସମସ୍ତଙ୍କର ଇଶ୍ୱର ହେଉଛନ୍ତି ଜଣେ । ତେଣୁ ଆସନ୍ତୁ ଏହି ଗୋଟିଏ କଥାରେ ଆମେ ଏକାଠି ହେବା । ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କ ଉପରେ ଯଦି ସମସ୍ତେ ବିଶ୍ୱାସ ଆଣୁଛନ୍ତି ତେବେ ଏ ଆଧାରରେ ମଧ୍ୟ ଆମେ ସମସ୍ତେ ମିଳିମିଶି ରହିପାରିବା । ଏକ ହୋଇ ରହିପାରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏବେ ସମାଧାନ ହେଉଛି ଏହା କି ମିଳିମିଶି ବସିବା, ମାନବଜାତି ପାଇଁ ଚିନ୍ତା କରିବା ଓ ସମସ୍ତେ ମିଳିମିଶି ସମସ୍ୟାର ସମାଧାନ କରିବା ।

ଆମ୍ବାସେଡର୍ ସାହେବ୍ କହିଲେ ଯେ ସେ ଜେରୁଜେଲମ୍, ସାଉଦୀଆରବ ଏବଂ ଭ୍ୟାଟିକାଲ୍ ସିଟିରେ ଇବ୍ରାହିମ୍ ଧର୍ମର ଗୋଯିଏ ସିମ୍ପୋଜିୟମ୍ ଅନୁଷ୍ଠିତ କରିବା ପାଇଁ ଚାହୁଁଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan